## ସଂକ୍ଷେପରେ

### ଯୁକ୍ତ ୨ କଳାରେ ଗାୟତ୍ରୀ ପାଣିଗ୍ରାହୀ କେନ୍ଦ୍ରାପଡ଼ା ଜିଲା ଟପ୍ପର



ରାଜକନିକା,୧୨।୬(ଡି.ଏନ୍. ଏ): ଚଳିତ ବର୍ଷ ଯୁକ୍ତ ୨ କଳାରେ କେନ୍ଦ୍ରାପଡ଼ା ଜିଲା ରାଜକନିକାର ଅନ୍ୟତମ ଶିକ୍ଷାନୁଷ୍ଠାନ ଶୈଳେନ୍ଦ୍ର ନାରାୟଣ ଜୁନିୟର ମହାବିଦ୍ୟାଳୟର ଛାତ୍ରୀ ଗାୟତ୍ରୀ ପାଣିଗ୍ରାହୀ ଜିଲାର ୬୦୦ରୁ ୫୨୮ ନମ୍ବର ରଖି କେନ୍ଦ୍ରାପଡ଼ା ଜିଲା ଟପ୍ପର ହୋଇଛନ୍ତି। ଗାୟତ୍ରୀ ରାଜକନିକା ବ୍ଲକ ବରୁଣାଡ଼ିହା ଗ୍ରାମର ସୁଢ଼ଲେନ୍ଦ୍ର ପାଣିଗ୍ରାହୀ ଓ ଧୀରାମଣିଙ୍କ କନିଷ୍ଠା କନ୍ୟା ଅଟନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ସେ ନିଜର ମାତାପିତାଙ୍କ ବ୍ୟତୀତ ମହାବିଦ୍ୟାଳୟର ଅଧକ୍ଷା, ଅଧାପିକା ଅଧାପକମାନଙ୍କୁ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ଓଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଗାୟତ୍ରୀ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ନିଜ ଗ୍ରାମ ସମେତ ରାଜକନିକା ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ମହାବିଦ୍ୟାଳୟ ଏବଂ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସୂଚନାଯୋଗ୍ୟ, ପୂର୍ବରୁ ଡେରାବିଶର କଲ୍ୟାଣ ଦାସ ୫୨୭ ନମ୍ବର ରଖି ଯୁକ୍ତ ୨ କଳାରେ ଜିଲା ଟପ୍ପର ହୋଇଥିବା କୁହାଯାଉଥିଲା। କିନ୍ତୁ ଗାୟତ୍ରୀ ୫୨୮ ନମ୍ବର ରଖି ଟପ୍ପର ହୋଇଛନ୍ତି।

### ଜରାଶ୍ରମରେ ଗଣ୍ଡଗୋଳ: ଅନୁଦାନ ଅର୍ଥକୁ ନେଇ ବିବାଦ

ପାରାଦୀପ,୧୨।୬(ସ୍ୱ.ପ୍ର.):ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଲକ୍‌ପଡା (ଜର୍ଦାରୀପଡା) ଠାରେ ଥିବା ଏକ ଜରାଶ୍ରମରେ ସୋମବାର ଅନୁଦାନ ଅର୍ଥ ଓ ସାମଗ୍ରୀକୁ ନେଇ ଗଣ୍ଡଗୋଳ ଘଟିଛି। ଏନେଇ ଉଭୟ ପକ୍ଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨ଟି ମାମଲା (ନଂ.୨୩୧ ଓ ୨୩୨/୨୩) ରୁଜୁ କରିଛି। ପୋଲିସ ସୂଚନା ମୁତାବକ, ଉକ୍ତ ଜରାଶ୍ରମକୁ ଗତ ୨୦୧୯ରେ ଏରସମାର କାଳିଆ ମାଝୀ ନାମକ ବ୍ୟକ୍ତି ଖୋଲିଥିଲେ। ତାକୁ ପରିଚାଳନା କରିବା ପାଇଁ ସହଯୋଗୀ ସମ୍ପଦ ସ୍ୱାଇଁ ଓ ଅନ୍ୟ ଜଣେ ମହିଳା ଲୋଭା ମହାପାତ୍ରଙ୍କୁ ଦାୟିତ୍ୱ ଦେଇଥିଲେ। ପ୍ରଥମେ ସମସ୍ତେ ମିଶି ବିଭିନ୍ନ ଆଡୁ ଟଙ୍କା ଆଣି ଉକ୍ତ ଆଶ୍ରମ ଚଳାଉଥିଲେ। ଏବେ ଲୋଭା ଓ ସମ୍ପଦ ଏହାକୁ ବୁଝାବୁଝି କରୁଛନ୍ତି। ସେଠାରେ ରହୁଥିବା ଅନ୍ତେବାସୀଙ୍କ ପାଇଁ ବିଭିନ୍ନ ଆଡୁ ଅନୁଦାନ ଆସିଲାଣି। ପାରାଦୀପ ବନ୍ଦର ସମେତ ଅନ୍ୟ କମ୍ପାନୀମାନେ ଅର୍ଥ, ରାଶନ ସାମଗ୍ରୀ, ପୋଷାକ, ଆନୁଷଙ୍ଗିକ ଆସବାବପତ୍ର ଆଦି ପ୍ରଦାନ କରୁଛନ୍ତି। ସୋମବାର ପାରାଦୀପ ବନ୍ଦର ଦେଇଥିବା ରାଶନ ସାମଗ୍ରୀକୁ ଗୋଟିଏ ପକ୍ଷ ଘରକୁ ନେବାପାଇଁ ଉଦ୍ୟମ କରିବାରୁ ବିବାଦ ସୃଷ୍ଟି ହୋଇଥିଲା। ଏପରି କି ହାତାହାତି ହୋଇଥିଲା। ଥାନାରେ ଅଭିଯୋଗ ହୋଇଛି।

# କେନାଲ ବନ୍ଧକୁ ଜବରଦଖଲ କରି ଘର ନିର୍ମାଣ

## ଘର ନିର୍ମାଣ ପରେ ଭଡ଼ା ଲଗାଯାଉଛି

ପଟ୍ଟାମୁଣ୍ଡାଇ, ୧୨।୬(ସ୍ୱ.ପ୍ର.)

ବ୍ରିଟିଶ ଅମଳରୁ ଖୋଳାଯାଇଥିବା ପଟ୍ଟାମୁଣ୍ଡାଇ କେନାଲ ଓ ପଟ୍ଟାମୁଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲକୁ ରାଜ୍ୟ ସରକାର ୨୦୧୬ରେ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଉଭୟପାର୍ଶ୍ୱ ପୋତେଇ କରିବା ସହ କେନାଲ ଓସାରକୁ କମ୍ କରି ସହଜରେ ଚାଷଜମିକୁ ପାଣି ଛାଡ଼ିବାର ବ୍ୟବସ୍ଥା କରିଛନ୍ତି। ମାତ୍ର ପୁରୁଣା କେନାଲର ଉଭୟପାର୍ଶ୍ୱ ପୋତାଯିବା ପରେ ଯେଉଁ ପ୍ରଶସ୍ତ ଜାଗା ବାହାରିଛି ତାହା କ୍ରମଶଃ କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ଜବରଦଖଲ ହୋଇସାରିଲାଣି। ବିଶେଷକରି ପଟ୍ଟାମୁଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲ ଅଳଭାଠାରୁ ଗଣ୍ଡାକିଆ ମଧ୍ୟରେ ବହୁ ସ୍ଥାନରେ କେନାଲ ବନ୍ଧକୁ ଲାଗିଥିବା ଓସାରିଆ ଜାଗା ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲାଣି। ଏହି କେନାଲର ଖଡ଼ିଅଣ୍ଟା, କଖାରୁଣୀ, ଗୁଣପୁର ପୋଲ ନିକଟରେ କେତେଜଣ ବ୍ୟକ୍ତି କେନାଲ



ଜବରଦଖଲରେ ଖଡ଼ିଅଣ୍ଟା ପୋଲ ପାଖ କେନାଲ ବନ୍ଧ।

ଜାଗାକୁ ଜବରଦଖଲ କରି ସ୍ଥାୟୀ ଘର ନିର୍ମାଣ କରୁଛନ୍ତି। ସେହିପରି ଖଡ଼ିଅଣ୍ଟାଠାରୁ କଖାରୁଣୀ ମଧ୍ୟରେ କେନାଲ ବନ୍ଧର ଡାହାଣ ପାର୍ଶ୍ୱକୁ ଏକାଧିକ ବ୍ୟକ୍ତି ଜବରଦଖଲରେ ରଖି ଘର ନିର୍ମାଣ କରିଛନ୍ତି। ଅଳଭାଠାରୁ ଗଣ୍ଡାଖିଆ ପର୍ଯ୍ୟନ୍ତ ବିଭିନ୍ନ ଛକର ଚତୁଃପାର୍ଶ୍ୱରେ ବିଭିନ୍ନ ଦୋକାନ ଗଢିଉଠୁଛି। ଅପରପାର୍ଶ୍ୱରୁ ଅସୁଥିବା ଗାଡ଼ି ଦେଖା ନ ଯିବାରୁ ଦୁର୍ଘଟଣା ଘଟୁଛି। କେତେଜଣ ମୁଷ୍ଟିମେୟ ପ୍ରଭାବଶାଳୀ ବ୍ୟକ୍ତି ପ୍ରଶାସନକୁ ହାତକରି ସରକାରୀ ଜାଗାରେ ପକ୍କାଘର କରି ଭଡ଼ା ଦେଉଥିବା ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏପରି କାର୍ଯ୍ୟକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଜବରଦଖଲ ସମ୍ପର୍କରେ ଜଳ ସମ୍ପଦ ବିଭାଗର ଅଧିକାରୀମାନେ ଅବଗତ ଥାଇ ମଧ୍ୟ ଜବରଦଖଲକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲ ବନ୍ଧ ଓ ବନ୍ଧ ସଂଲଗ୍ନ ମୂଲ୍ୟବାନ୍ ଜାଗାକୁ ଜବରଦଖଲ କବଳରୁ ମୁକ୍ତ କରିବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ବାରମ୍ବାର ଦାବି କରାଯାଇଛି। ଏ ସମ୍ପର୍କରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରେ ଏପରି ଅଭିଯୋଗ ବାହୁବାର ଆସିଲା ପରେ କଖାରୁଣୀ ପୋଲ ପାଖରେ ଉଚ୍ଛେଦ କରାଯାଇଛି। ରଜ ପରେ ଖଡ଼ିଅଣ୍ଟା ଆଉ ମାଳିବାସା ପୋଲ ପାଖରେ ଥିବା ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

# ଜିଲାର ମେଧାବୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୧୨।୬

ଗତ ମାଟ୍ରିକ ପରୀକ୍ଷାଫଳରେ କେନ୍ଦ୍ରାପଡ଼ା ଜିଲାର ଶତାଧିକ ଛାତ୍ରୀଛାତ୍ର ନିଜର ମେଧା ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଆଇଟିଏସ୍ ପକ୍ଷରୁ ସହର ନିକଟ ଉଦୟପୁରସ୍ଥ ସଂସ୍କୃତି ଭବନ ପରିସରରେ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ ତ୍ରିଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏସ୍‌ପି ମଡକର ସନ୍ଦିପ ସମ୍ପଦ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ସୁସ୍ଥ ସମାଜ ପାଇଁ ଶିକ୍ଷା ଜରୁରୀ। ପ୍ରତ୍ୟେକଙ୍କ ନିକଟରେ ଶିକ୍ଷା ଭିତ୍ତିଭୂମି ପହଞ୍ଚାଇବା ଓ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସମାଜର କର୍ତ୍ତବ୍ୟ। ସରକାରୀ ଯୋଜନା ଓ ଶିକ୍ଷା ଅଧିକାର ଆଇନକୁ ବାଦ ଦେଲେ ଦେଶର ପ୍ରତ୍ୟେକ ନାଗରିକ ଶିକ୍ଷା ପ୍ରତି ଯତ୍ନଶୀଳ ହେଉଛନ୍ତି। ଆଇଟିଏସ୍‌ର ଏହି ପ୍ରୋତ୍ସାହନ ଶିକ୍ଷାର୍ଥୀଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବ ବୋଲି ସେମାନେ ମତ ଦେଇଥିଲେ। ଆଇଟିଏସ ମୁଖ୍ୟ ପ୍ରଭାତ କୁମାର ପରିଡା, ସଦସ୍ୟ ଏକାମ୍ରବାସିନୀ ପରିଡାଙ୍କ ସମେତ ଅନୁଷ୍ଠାନର କର୍ମଚାରୀ ଏହାକୁ ପରିଚାଳନା କରିଥିଲେ।

# ପୋଲିସ ପକ୍ଷରୁ ଅପରାଧୀଙ୍କ ଘର ଭଙ୍ଗାଗଲା

ମାର୍ଶାଘାଇ, ୧୨।୬(ଡି.ଏନ.ଏ.)

ପାଟକୁରା ଥାନା ପୋଲିସ ପକ୍ଷରୁ ଅପରାଧୀ ପ୍ରଶାନ୍ତ ଦାସ ଓରଫ ପଶାର ତାଳସଙ୍ଗା (ଖର୍ଦାସାହି)ଘରକୁ ଜେସିବି ମେଶିନ ସହାୟତାରେ ସୋମବାର ଭଙ୍ଗାଯାଇଛି। ପୋଲିସ ସୂଚନା ଅନୁଯାୟୀ, ପଶା ବିଭିନ୍ନ ଆପରାଧିକ ମାମଲାରେ ଜଡ଼ିତ ଅଛି। ମେ ୩୧ ସନ୍ଧ୍ୟାରେ ଗ୍ୟାଙ୍ଗଷ୍ଟର ପ୍ରତାପ ସାହୁ ଓରଫ ବିଭୁଲାଙ୍କୁ ଅପହରଣ କରାଯିବା ଓ ଯାଜପୁର ଜିଲା ଟମକା ଥାନା ଅଞ୍ଚଳରେ ଜଙ୍ଗଲରେ ହତ୍ୟା ପରେ ତାଙ୍କୁ ପୋଡ଼ିଦେବା (ଯଦିଓ ଏପର୍ଯ୍ୟନ୍ତ ହତ୍ୟା ଘଟଣାକୁ ସ୍ପଷ୍ଟ ହୋଇନାହିଁ, ମାତ୍ର ପରିବାର ଲୋକ ଶୁଦ୍ଧକ୍ରିୟା କରି ସାରିଛନ୍ତି) ଘଟଣାରେ ତା'ର ସମ୍ପୃକ୍ତି ରହିଛି। ପାଟକୁରା ପୋଲିସ ପକ୍ଷରୁ ମାର୍ଶାଘାଇ ତହସିଲଦାରଙ୍କୁ ଏକ ଚିଠି ଲେଖା ଯାଇ ତାଙ୍କ ଘର ସ୍ଥିତିବାନ୍ କିମ୍ବା ଅନାବାଦୀରେ ରହିଛି ସେ ସମ୍ପର୍କରେ ଜଣାଇବାକୁ କୁହାଯାଇଥିଲା। ତାଳସଙ୍ଗା ରାଜସ୍ୱ ନିରୀକ୍ଷକ ଓ ତହସିଲ ସୁପରଭାଇଜର ମାପ ଚୁପ କରିବା ପରେ ତାଙ୍କ ଘର ସମ୍ପୂର୍ଣ୍ଣ ଅନାବାଦୀ ଜାଗାରେ ଥିବା ପୋଲିସକୁ ଜଣାଇଥିଲେ। ପାଟକୁରା ପୋଲିସ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଅଶୋକ କୁମାର ବେହେରାଙ୍କ ଉପସ୍ଥିତିରେ ଜେସିବି ମେଶିନ ସାହାଯ୍ୟରେ ତାଙ୍କ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା। ଏହି ଉଚ୍ଛେଦ ସମୟରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ସରୋଜ ସାହୁ, ପାଟକୁରା ଥାନା ଅଧିକାରୀ ବିଶ୍ୱଜିତ ଭୋଇଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଉପସ୍ଥିତ ଥିଲେ।



ପ୍ରଶାସନ ପକ୍ଷରୁ ଅନାବଦିରେ ଥିବା ପ୍ରଶାନ୍ତ ଦାସଙ୍କ ଘରକୁ ଭଙ୍ଗା ଯାଉଛି।

## ସୂଚନା ଅଧିକାର କର୍ମୀଙ୍କ ବାର୍ଷିକ ବୈଠକ

ରାଜନଗର, ୧୨।୬(ଡି.ଏନ.ଏ.)

ରାଜନଗର ବ୍ଲକ ସୂଚନା ଅଧିକାର କର୍ମୀଙ୍କ ବ୍ଲକସ୍ତରୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାଣ ପ୍ରସିଦ୍ଧ ରିଘାଗଡ଼ର ଶ୍ରୀବଳଦେବଜୀଉ ମନ୍ଦିର ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ହେମନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ବୈଠକରେ ରାଜ୍ୟ ସୂଚନା ଅଧିକାର ଅଭିଯାନର ସଦସ୍ୟ ସଂଯୁକ୍ତା ପାଣିଗ୍ରାହୀ ଯୋଗଦେଇ ସୂଚନା ଅଧିକାର ଆଇନର ବିଭିନ୍ନ ମୌଳିକ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ତୃଣମୂଳ ସ୍ତରରୁ ପ୍ରଶାସନିକ ସ୍ତରରେ ଚାଲିଥିବା ଦୁର୍ନୀତି ପ୍ରତିହତ କରିବାରେ ସୂଚନା ଅଧିକାର ଅଭିଯାନ କର୍ମୀମାନଙ୍କ ବଳିଷ୍ଠ ଭୂମିକାକୁ ପ୍ରଶଂସା କରିଥିଲେ। ଏଥିରେ ସୋମନାଥ ବାରିକ, ପ୍ରଦୀପ ପ୍ରଧାନ, ପ୍ରତାପ ମହାନ୍ତି, ଅଲେଖ ପରିଡା, ନିରଞ୍ଜନ ରାଉତ, ବସନ୍ତ କୁମାର ହାତି, ଜଗନ୍ନାଥ ବିଶ୍ୱାଳ, ରାଜେନ୍ଦ୍ର ପଢିହାରୀ, ଅମର ରାଉତ, ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶାକର୍ମୀଙ୍କୁ ଛତା, ବ୍ୟାଗ ବଣ୍ଟନ

ଜଗତ୍‌ସିଂହପୁର ଅଫିସ, ୧୨।୬

୧୦୮ ଆମ୍ବୁଲାନ୍ସ ସେବାରେ ଯେଉଁ ଆଶାକର୍ମୀ ଅଧିକ ସହଯୋଗ କରୁଛନ୍ତି, ଅର୍ଥାତ୍ ଗର୍ଭବତୀ, ପ୍ରସୂତି ଓ ନବଜାତ ଶିଶୁଙ୍କୁ ସେବା ଦେବା ପାଇଁ ଅଧିକ କଲ୍ କରିଛନ୍ତି ସେମାନଙ୍କୁ ରାଜ୍ୟ ଆମ୍ବୁଲାନ୍ସ ସେବା ତରଫରୁ ସମ୍ମାନିତ କରାଯାଉଛି। ଜିଲାର ଏରସମା ଓ ବାଲିକୁଦା ବ୍ଲକର ଆଶା କର୍ମୀମାନେ ଅଧିକ କଲ୍ କରୁଥିବାରୁ ସେମାନଙ୍କୁ ଛତା ଓ ବ୍ୟାଗ ସମେତ ସାର୍ଟିଫିକେଟ୍ ଦିଆଯାଉଛି। ସୋମବାର ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ୧୦୮ ଆମ୍ବୁଲାନ୍ସ ସେବା ୟୁନିଟ୍ ତରଫରୁ କ୍ଲଷ୍ଟର ଲିଡର ଶାରଦା ପ୍ରସାଦ ବେହେରା ଜିଲାରେ ଭଲ କଲ୍ କରୁଥିବା ଆଶାକର୍ମୀଙ୍କୁ ଛତା, ବ୍ୟାଗ୍ ଓ ସାର୍ଟିଫିକେଟ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର, ଆୟୁଷ ଡାକ୍ତର, ବ୍ଲକ ଡେଟା ପରିଚାଳକ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାର ସମସ୍ତ ବ୍ଲକରୁ ଏବେ ସୁଦ୍ଧା ୪୦ ଜଣ ଆଶାକର୍ମୀଙ୍କୁ ସମ୍ମାନିତ କରାଯାଇଛି ।

# ରଥଯାତ୍ରାକୁ ସରସ ସୁନ୍ଦର କରିବା ଉପରେ ଗୁରୁତ୍ୱାରୋପ



ରଥଯାତ୍ରା ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପରିଚାଳନା କମିଟିର ସଦସ୍ୟମାନେ।

ରାହାମା,୧୨।୬(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଶ୍ରୀ ମଦନ ମୋହନଜୀଉ ମଠ ପ୍ରାଙ୍ଗଣରେ ସୋମବାର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରବିନାରାୟଣ ସାହୁ ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଠାକୁର ରାଜା ତଥା କୁଜଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ସମେତ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରାରାଣୀ ସାହୁ, ସାଇଲୋ ସରପଞ୍ଚ ସରୋଜ ସେଠୀ, ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା, ରାହାମା ରାଜସ୍ୱ ନିରୀକ୍ଷକ ସୁକାନ୍ତ କୁମାର ଦାଶ, ତିର୍ତ୍ତୋଲ ଥାନା ଅଧିକାରୀ ଯୁଗଳ କିଶୋର ଦାସ ଓ ରାହାମା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଭକ୍ତ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଠାକୁର ରାଜା ପାଣିଗ୍ରାହୀ ଚଳିତ ରଥଯାତ୍ରା ଅଧିକ ସରସ ସୁନ୍ଦର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରବଳ ଗ୍ରୀଷ୍ମ ତାପ ହେଉଥିବାରୁ ଭକ୍ତମାନଙ୍କ ପାଇଁ ପାନୀୟ ଜଳ ଓ ପାଣି ସିଞ୍ଚନ, ବିଦ୍ୟୁତ୍ ସେବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ପରିଚାଳନା କମିଟିକୁ ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ଡ. ସୁନାକର ବେହେରା କହିଥିଲେ, ଦୀର୍ଘ ୪୦ ବର୍ଷ ଧରି ରାହାମାର ରଥଯାତ୍ରା ଜଗତ୍‌ସିଂହପୁର ଜିଲାରେ ପ୍ରମୁଖ ସ୍ଥାନ ବହନ କରିଛି। ତେବେ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ପ୍ରସାଦ ବିତରଣ ଓ ସେବନ ନିମନ୍ତେ ପ୍ରତ୍ୟେକ ବର୍ଷ ବହୁ ଶ୍ରଦ୍ଧାଳୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏକ ପ୍ରସାଦ ଖଳାର ଆବଶ୍ୟକତା ରହିଛି ବୋଲି ବେହେରା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋତନଇ ସରପଞ୍ଚ ବ୍ରଜକିଶୋର ମହାରାଜ, କୋଷାଧ୍ୟକ୍ଷ ଭିକାରୀ ଚରଣ ସେନାପତି, ବଜାର କମିଟି ସଭାପତି ଜଟାଧାରୀ ଦାସ, ଦେବାଶିଷ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ରାଜକନିକାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ରାଜକନିକା,୧୨।୬(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ସଭାଗୃହରେ ଆୟୋଜିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ରୌଦ୍ରତାପ ସହ ଅସହ୍ୟ ଗରମ ଓ ଗୁଳୁଗୁଳିରେ ସୋମବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଯାଏ ଚାଲିଥିବା ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକ ଗ୍ରହଣ କରି ଶୁଣାଣି କରିଛନ୍ତି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ୪୧ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ୨ଟି ସାମୂହିକ ଓ ୩୯ଟି ବ୍ୟକ୍ତିଗତ ବୋଲି ଜଣାପଡିଛି।

ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଏସ୍‌ପି ଓ ସିଡିଏମ୍‌ଓଙ୍କ ବ୍ୟତିତ ବ୍ଲକର ବିଡିଓ, ତହସିଲଦାର ଓ ଥାନା ଅଧିକାରୀ ତଥା ସମସ୍ତ ବିଭାଗର ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କୌଣସି ଖବରଦାତାଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା।

## ବନ୍ଧୁମିଳନରେ ଶିକ୍ଷାଦାନ ପ୍ରତି ଗୁରୁତ୍ୱ

ରଘୁନାଥପୁର,୧୨।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ସାଦେଇପୁରସ୍ଥିତ ଭଦ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୯୧ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ଅୟରସ୍ଥିତ ସଂସ୍କୃତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ପୁରାତନ ଛାତ୍ରୀ ସୁଭାସିନୀ କର ପରିଚାଳନା କରିଥିଲେ। ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ଲେଙ୍କା, ଝରେନ୍ଦ୍ର କୁମାର ନାୟକ, ଦାମୋଦର ପଣ୍ଡା, ବିଭୁପ୍ରସାଦ ଷଡ଼ଙ୍ଗୀ, ବିଜୟ କୁମାର ମହାପାତ୍ର ଓ କର୍ମଚାରୀ କେଳୁଚରଣ ସେଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ସହ ବହୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ନଟବର ରଥ ଓ ଅନ୍ୟ ୪ ଦିବଂଗତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଶୈଳେନ୍ଦ୍ର ସ୍ୱାଇଁ, ସୁଦାମ ମହାନ୍ତି, ପ୍ରଦୀପ ପଣ୍ଡା, ଅଜୟ ସାହୁ, ସୁଦାମ ପରିଡା, ନମିତା ମହାନ୍ତି, ସୁଭାସିନୀ ପଣ୍ଡାଙ୍କ ସହ ୪୦ ଜଣ ପୁରାତନ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ସଦସ୍ୟ ଯୋଗଦେଇଥିଲେ।

# ତେଜସ୍ୱିନୀଙ୍କ କବିତା ସଙ୍କଳନକୁ ଉନ୍ମୋଚନ କଲେ ରାଜ୍ୟପାଳ

ରଘୁନାଥପୁର,୧୨।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ସାଦେଇପୁର ଗ୍ରାମର ସୁଲେଖିକା ତଥା କବି ତେଜସ୍ୱିନୀ ପଣ୍ଡାଙ୍କ ରଚିତ ୨ କବିତା ସଙ୍କଳନ ସୋମବାର ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ରାଜଭବନରେ ତେଜସ୍ୱିନୀଙ୍କ କବିତା 'ହିମଚନ୍ଦନ ଓ ଫଗୁଣର ପତ୍ର'କୁ ରାଜ୍ୟପାଳ ଗଣେଶୀ ଲାଲ ଉନ୍ମୋଚନ କରିଥିଲେ। ଏହି ଅବସରରେ ତେଜସ୍ୱିନୀଙ୍କ ମା' ବାପା ଓ ଭାଇ ଉପସ୍ଥିତ ଥିଲେ। କବି ତେଜସ୍ୱିନୀଙ୍କ ପ୍ରତିଭାକୁ ରାଜ୍ୟପାଳ ପ୍ରଶଂସା କରିବା ସହ ନିଜ ପାଖରେ ରଖିଥିବା ଏକ କଲମକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପୂର୍ବରୁ ତେଜସ୍ୱିନୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନ ଦର୍ଶନ ଉପରେ ବହି ଲେଖି ଚର୍ଚ୍ଚିତ ହୋଇଥିଲେ। ଏହାଛଡା ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଓ ପରିଷଦ ପକ୍ଷରୁ ସମ୍ମାନିତ ହୋଇଛନ୍ତି।



ତେଜସ୍ୱିନୀ ପଣ୍ଡାଙ୍କ କବିତା ସଙ୍କଳନକୁ ରାଜ୍ୟପାଳ ଉନ୍ମୋଚନ କରୁଛନ୍ତି।

# 'ଶିଶୁ ଶ୍ରମିକ ଏକ ଘୃଣ୍ୟ ପ୍ରଥାରେ ପରିଣତ ହୋଇଛି'

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ

କୁଜଙ୍ଗ,୧୨।୬(ଡି.ଏନ୍.ଏ.)

ତାଲୁକ ଆଇନ ସେବା କମିଟି ପକ୍ଷରୁ କୁଜଙ୍ଗ ବି.ବି.ହାଇସ୍କୁଲରେ ସୋମବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରାର୍ଥସାରଥି ପଟ୍ଟନାୟକ ଯୋଗଦେଇ କହିଥିଲେ, ବର୍ତ୍ତମାନ ଶିଶୁ ଶ୍ରମିକ ଏକ ଘୃଣ୍ୟ ପ୍ରଥାରେ ପରିଣତ ହୋଇଛି। ଫଳରେ ଶିଶୁ ଶ୍ରମିକମାନେ ଶୋଷଣ ଓ କୁପୋଷଣର ଶିକାର ହେଉଛନ୍ତି। ଯେଉଁ ବୟସରେ ହସ ଖୁସିରେ ବୁଲି ପାଠ ପଢ଼ିବା କଥା ସେହି ବୟସରେ ତାଙ୍କ ମୁଣ୍ଡ ଉପରେ ଶ୍ରମ ବୋଝ ଲଦି ଦେବା ଠିକ୍ ନୁହେଁ । ଯେଉଁମାନେ ଶିଶୁମାନଙ୍କୁ ଶ୍ରମିକ ଭାବେ ଖଟାଉଛନ୍ତି ସେମାନେ ଅପରାଧୀ। ସେମାନେ କଠୋର ଦଣ୍ଡ ପାଇବା ଉଚିତ। ଏନେଇ ସରକାର ଆଇନ ପ୍ରଣୟନ କରୁଥିବାବେଳେ ଶିଶୁଙ୍କ ବିକାଶ ପାଇଁ ଅନେକଗୁଡ଼ିଏ ଯୋଜନା କରିଛନ୍ତି। ତେଣୁ ଆମେ ସମସ୍ତେ ଏକାଠି ହୋଇ ଶିଶୁ ସୁରକ୍ଷା ପାଇଁ କାମକଲେ ଏଭଳି ଘୃଣ୍ୟ ପ୍ରଥାରୁ ଦୂରଇ ପାରିବା। ସମ୍ମାନିତ ଅତିଥି ଭାବେ ଜେଏମ୍‌ଏଫ୍‌ସି ବିଶ୍ୱଭୂଷଣ ନାୟକ ଯୋଗଦେଇ ଶିଶୁ ସୁରକ୍ଷା ଆଇନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ଓକିଲ ସଂଘ ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ପୂର୍ବତନ ସଭାପତି ଅମୃତ ଦାସ, ତାଲୁକ ଆଇନ ସେବା କମିଟିର ରିଟେନର ଏଏନଡି ଯାଦବଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଓ ଗ୍ରାମୀଣ ମହିଳା ଯୋଗ ଦେଇଥିଲେ। ପ୍ରଦୀପ ମୁଦୁଲି ଓ ଧନଞ୍ଜୟ ମଲ୍ଲ ଏଥିରେ ସହଯୋଗ କରିଥିଲେ।




ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ଡିଜେ ଉପରେ ଲଗାମ ଢିଲା

ନୟାଗଡ଼ ଅଫିସ,୧୨।୬: ନୟାଗଡ଼ ସହରରେ ଡିଜେ ଉପରେ ପୋଲିସ ଓ ପ୍ରଶାସନର ଲଗାମ ନାହିଁ। ଏଣୁ ମନଇଚ୍ଛା ସାଉଣ୍ଡ ଦେଇ ଡିଜେ ବଜା ଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରତିବାଦ ଉଠିଛି। ସୋମବାର ସନ୍ଧ୍ୟାରେ ନୟାଗଡ଼ ପୁରୁଣା ସହରରେ ଏକ ବିବାହ ଶୋଭାଯାତ୍ରାରେ ଡିଜେ ବାଜୁଥିଲା। ଡିଜେର ଶବ୍ଦ ଏତେ ଅଧିକ ଥିଲା ଯେ ସ୍ଥାନୀୟ ଲୋକ ପ୍ରତିବାଦ କଲା ପରେ ବି ସୁଫଳ ମିଳିଲାନି। ଏପରିକି ଟାଉନ ଥାନା ପୋଲିସକୁ ଅବଗତ ପରେ ବି କାର୍ଯ୍ୟାନୁଷ୍ଠାନ ନ ଥିଲା। ଏଣୁ ଡିଜେ ସାଉଣ୍ଡ ଉପରେ ଲଗାମ ଦେବାକୁ ସାଧାରଣରେ ଦାବି ହେଉଛି।

### ତ୍ରିନାଥଦେବଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଖଣ୍ଡପଡ଼ା,୧୨।୬(ସ୍ୱ.ପ୍ର): ଖଣ୍ଡପଡ଼ା ଥାନା ପରିସରରେ ପ୍ରତିଷ୍ଠିତ ଶ୍ରୀତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ, ବାଦି ଭାଗବତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଥାନା ଅଧିକାରୀ ରମେଶ କୁମାର ଦେବତା ଓ ତାଙ୍କ ସ୍ତ୍ରୀ କାର୍ଯ୍ୟ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଆୟୋଜିତ ବାଦି ଭାଗବତ କାର୍ଯ୍ୟକ୍ରମରେ କଣ୍ଟିଲୋ ଫକୀର ଅତବୁଦ୍ଧିପାଟଣା ଗ୍ରାମର ମା' ବରୁଣ ଦେବ ମାତୃମଣ୍ଡଳୀ ଓ ନରସିଂହପୁର ଭାଗବତ ମହିଳା ମଣ୍ଡଳ ଦଳ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଥାନାର ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦର୍ଶକମାନେ ଦୀର୍ଘ ସମୟ ଧରି ଉପଭୋଗ କରିଥିଲେ।

### ରାମକୃଷ୍ଣ, ପ୍ରଫୁଲ୍ଲଙ୍କୁ ସ୍ୱର ସମର୍ପଣ ସମ୍ମାନ




ଶରଣକୁଳ,୧୨।୬ (ଡି.ଏନ.ଏ.) : ଦାସକାଠିଆ ଗାୟକ ପ୍ରଫୁଲ୍ଲ ନାହାକ ଏବଂ ଗୀତିକାର ରାମକୃଷ୍ଣ ମହାରଣାଙ୍କୁ ନୂଆଦିଲ୍ଲୀର ତ୍ରିବେଣୀ କଳା ସଙ୍ଗମ ଅଡ଼ିଟୋରିୟମଠାରେ ସ୍ୱର ସମର୍ପଣ ସେଣ୍ଟର ଫର ଆର୍ଟ ଆଣ୍ଡ କଲଚର ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱର ସମର୍ପଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ଆଚାର୍ଯ୍ୟ ଅଭିମନ୍ୟୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସୁଦର୍ଶନ ସୋରେନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମାନ ପ୍ରଦାନ କରିଥିବା ବେଳେ ଆଶ୍ରୟ ପ୍ରତିଷ୍ଠାତା ନିର୍ଦ୍ଦେଶକ ଲୋକନାଥ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମ୍ମିଳନୀରେ ବିଭିନ୍ନ ରାଜ୍ୟରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଅନେକ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ରାମକୃଷ୍ଣଙ୍କ ରଚିତ ଜନସଚେତନା ମୂଳକ ଓ ଆଶ୍ରୟର ଜନମଙ୍ଗଳକାରୀ ପ୍ରୋଜେକ୍ଟ କବିତାକୁ ଦାସକାଠିଆ କଳାକାର ପ୍ରଫୁଲ୍ଲ ନାହାକ ପରିବେଷଣ କରିଥିଲେ।

# ମୃତଦେହ ବ୍ୟବଚ୍ଛେଦ ପାଇଁ ଲାଞ୍ଚ: ନିଲମ୍ବିତ ହେଲେ ସୁଇପର

ନୟାଗଡ଼ ଅଫିସ,୧୨।୬

ମୃତଦେହ ବ୍ୟବଛେଦ ପାଇଁ ୫ଶହ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ସୁଇପର ରମେଶ ନାୟକ ସୋମବାର ନିଲମ୍ବିତ ହୋଇଛନ୍ତି। ରମେଶଙ୍କୁ ସିଡିଏମ୍‌ଓ ନିଲମ୍ବନ କରିଛନ୍ତି। ୧୦ତାରିଖରେ ବାଣିଗୋଛା ଥାନା ମାଇଛେଳି ଗାଁର ସମୀର ନାୟକ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିଲା। ସମୀରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଝାଡୁଦାର ଏକ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରିବାର ଲୋକ ଦେବାରେ ବିଳମ୍ବ କରିବାରୁ ବ୍ୟବଚ୍ଛେଦ ବିଳମ୍ବ ହୋଇଥିଲା। ପରେ ମୃତକଙ୍କ ପରିବାର ଲୋକ ୫୦୦ ଟଙ୍କା ଲାଞ୍ଚ ଦେବାକୁ ରାଜି ହେବାରୁ ବ୍ୟବଚ୍ଛେଦ ହୋଇଥିଲା। ଏ ସମ୍ପର୍କିତ ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏପରିକି ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଘଟଣାର ତଦନ୍ତ ପାଇଁ ମଧ୍ୟଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକଙ୍କୁ ସିଡିଏମ୍‌ଓ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ମିଳିବା ପରେ ନିଲମ୍ବନ କରାଯାଇଛି। ବ୍ୟବଚ୍ଛେଦରେ ବାଧା ସୃଷ୍ଟି ହେବ। ଦଶପଲ୍ଲାରେ ସୁଇପର ନିଲମ୍ବନ ପରେ ମୃତଦେହ ବ୍ୟବଚ୍ଛେଦ ହେବାରେ ବାଧା ସୃଷ୍ଟି ହୋଇପାରେ। କାରଣ ବ୍ୟବଚ୍ଛେଦ ପାଇଁ ମୃତଦେହ କାଟିବାକୁ କେହି ରାଜି ହେଉନାହାନ୍ତି। ସୁଇପର ରମେଶ ନାୟକଙ୍କ ପରେ ଅନ୍ୟ କିଏ ନିୟୋଜିତ ନ ହେଲେ ଏହା ସମସ୍ୟା ଆଣିପାରେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି।

**ସବୁଠି ଚାଲିଛି ଲାଞ୍ଚ କାରବାର**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ଦଶପଲ୍ଲା, ଖଣ୍ଡପଡ଼ା ଓ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଉଛି। ସବୁଠାରେ ଗୋଟିଏ ସମସ୍ୟା ମୃତଦେହ କାଟିବାକୁ ସୁଇପର ମିଳୁନାହାନ୍ତି। ସୁବୁଠାରେ ଲାଞ୍ଚ ନ ଦେଲେ ବ୍ୟବଚ୍ଛେଦ ହେଉ ନ ଥିବା ଅଭିଯୋଗ ହୋଇଆସୁଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ସୁଇପର ଅବସର ନେଇ ସାରିଲେଣି। ତେବେ ବିକଳ୍ପ ନ ଥିବାରୁ ପୁଣି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅସ୍ଥାୟୀ ନିଯୁକ୍ତି ମିଳିଛି। ଏଭଳିସ୍ଥଳେ ନୟାଗଡ଼ରେ ମୃତଦେହ କାଟିବାକୁ ୨୨୦୦ରୁ ୨୬୦୦ ଟଙ୍କା ଲାଞ୍ଚ ଦେବାକୁ ପଡୁଛି ବୋଲି ଅଭିଯୋଗ ହୋଇଆସୁଛି। ସେହିଭଳି ଖଣ୍ଡପଡ଼ା ଓ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସମାନ ଅବସ୍ଥା। ବିନା ଲାଞ୍ଚରେ ବ୍ୟବଚ୍ଛେଦ ହେଉନି ବୋଲି କୁହାଯାଉଛି।

ଏ ନେଇ ନୟାଗଡ଼ର ରାମଚନ୍ଦ୍ର ସ୍ୱାଇଁ, ସୁଦାମା ସାହୁ, ସିତା ପ୍ରଧାନ କୁହନ୍ତି, ମୃତକ ପରିବାର ଦୁଃଖରେ ଥାନ୍ତି। ସେମାନଙ୍କ ଇଚ୍ଛା ଯେତେଶୀଘ୍ର ବ୍ୟବଚ୍ଛେଦ ହେବ ସେତେଶୀଘ୍ର ଗାଁକୁ ଯାଇ ମୃତଦେହ ସଂସ୍କାର କାର୍ଯ୍ୟ ସମାପନ କରିବା । ଏଭଳିସ୍ଥଳେ ଅନେକ ଏହାକୁ ଲାଞ୍ଚ ନ ଭାବି ବରଂ କେହି ଅଧିକ ଦେଇ କାମ ଶେଷ କରିବାକୁ ପଦକ୍ଷେପ ନେଇଥାନ୍ତି। ତେବେ ବେଳେବେଳେ ଗରିବ ଲୋକଙ୍କ ପାଇଁ ଏହି ଲାଞ୍ଚ ସମସ୍ୟା ଆଣିଥାଏ। ଯେପରି ଦଶପଲ୍ଲାରେ ହୋଇଛି। ଦଶପଲ୍ଲାରେ ଗରୀବ ଯୋଗୁ ପ୍ରତିବାଦ ଉଠିଲା। ସିଡିଏମ୍‌ଓ ବାଧ୍ୟ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ। ମୃତଦେହ କାଟିବାକୁ ସୁଇପର ଲାଞ୍ଚ ନେବା ସମ୍ପର୍କରେ ସମସ୍ତେ ଅବଗତ। ହେଲେ ପ୍ରମାଣ ନାହିଁ କହି କାର୍ଯ୍ୟାନୁଷ୍ଠାନ ହୋଇ ନ ଥାଏ। ହେଲେ ଦଶପଲ୍ଲା ଘଟଣା ଅନ୍ୟ ପାଇଁ ପ୍ରେରଣା ଯୋଗାଇବ। ଲାଞ୍ଚ ମାଗିବାକୁ ବିରୋଧ କରାଯିବା ଦରକାର। ସରକାର ବ୍ୟବଛେଦ ପାଇଁ ପାଣ୍ଠି ଯୋଗାଉଥିଲେ ମଧ୍ୟ ଲାଞ୍ଚ ମାଗି ଅଯଥାରେ ହଇରାଣ କରାଯାଉଛି ବୋଲି କହିଥିଲେ । ଏଥିରେ ପରିବର୍ତ୍ତନ ଦରକାର ବୋଲି କହିଛନ୍ତି। ସିଡିଏମଓ ମକରନ୍ଦ ବେଉରା କୁହନ୍ତି, ଦଶପଲ୍ଲାରେ ଲାଞ୍ଚ ମାଗିବାର ପ୍ରମାଣ ମିଳିଛି। ନିଜେ ସୁଇପର ଲାଞ୍ଚ ନେଇଛି ବୋଲି ରାଜି ହୋଇଛି। ଅନ୍ୟ କେଉଁଠାରେ ଲାଞ୍ଚ ନେଇ ଅଭିଯୋଗ ଆସିନି। ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଦିବାରାତ୍ର ଭଲି ଟୁର୍ନାମେଣ୍ଟ, ଇଟାମାଟି ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଖଣ୍ଡପଡ଼ା,୧୨।୬(ସ୍ୱ.ପ୍ର)

ଖଣ୍ଡପଡ଼ା ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଶନିବାର ଦିବାରାତ୍ର ଭଲି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ନାମେଣ୍ଟରେ ଇଟାମାଟି ଭଲି ଆସୋସିଏଶନ ୩-୦ ସେଟରେ ବାଉଁଶିଆପଡ଼ା ଦଳକୁ ପରାସ୍ତ କରି ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଥିବା ଜଣାଯାଇଛି। ଆୟୋଜିତ ମ୍ୟାଚର ପ୍ରଥମ ସେମିଫାଇନାଲରେ ବାଉଁଶିଆପଡ଼ା ଦଳ ୨-୦ ସେଟରେ କଳାପଥର ଦଳକୁ ପରାସ୍ତ କରିଥିବା ବେଳେ ଖଣ୍ଡପଡ଼ା ଦଳକୁ ୨-୦ ସେଟରେ ପରାସ୍ତ କରି ଇଟାମାଟି ଦଳ ବିଜୟୀ ହୋଇଥିଲେ। ୨ୟ ସେମିଫାଇନାଲରେ ଇଟାମାଟି ଦଳ ୨-୦ ସେଟରେ କଳାପଥର ଦଳକୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ସେହିପରି ବାଉଁଶିଆପଡ଼ା ଦଳ ୨-୦ ସେଟରେ ଖଣ୍ଡପଡ଼ାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ବିଳମ୍ବିତ ରାତିରେ ଇଟାମାଟି ଓ ବାଉଁଶିଆପଡ଼ା ଭଲି ଟିମ୍ ସହ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶେଷରେ ଫାଇନାଲ ମ୍ୟାଚରେ ୫ ସେଟ ଖେଳ ହେବାର ବ୍ୟବସ୍ଥା ରହିଥିବା ବେଳେ ଇଟାମାଟି ଦଳ ୩-୦ ସେଟରେ ବାଉଁଶିଆପଡ଼ା ଭଲି ଟିମକୁ ପରାସ୍ତ କରି ଟୁର୍ନାମେଣ୍ଟର ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଖେଳକୁ କ୍ରୀଡା ଶିକ୍ଷକ ଶଙ୍କର ପ୍ରସାଦ ମଲ୍ଲିକ, କୈଳାସ ଚନ୍ଦ୍ର ପ୍ରଧାନ, ଲଳିତ ବଳିୟାରସିଂ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇଟାମାଟି, କଳାପଥର, ବାଉଁଶିଆପଡ଼ା ଓ ଆୟୋଜକ ଖଣ୍ଡପଡ଼ା ଭଲି ଟିମ ଅଂଶଗ୍ରହଣ କରିଥିଲେ। ଉକ୍ତ ଟୁର୍ନାମେଣ୍ଟରେ ଅତିଥି ରୂପେ ଦାସ ଟ୍ରେଡର ସତ୍ତ୍ୱାଧିକାରୀ ଦିପ୍ତୀରଞ୍ଜନ ରଥ, ନୟାଗଡ଼ ଜିଲାର ଡାଲମିଆ ସିମେଣ୍ଟ ମାର୍କେଟିଂ ମ୍ୟାନେଜର ଅମିତ କୁମାର ରଥ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ ମୁଖ୍ୟ ଦେବେନ୍ଦ୍ର ସାହୁ ଓ ଇମାମୀ ଡବଲବ୍ଲୁଲ ସିମେଣ୍ଟ ମୁଖ୍ୟ ସରୋଜ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଲକ୍ଷ୍ମୀଧର ପାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳୀ ଭାବେ ସୌମ୍ୟ ରଞ୍ଜନ ମହାରଣା ବିବେଚିତ ହୋଇ ଟ୍ରଫି ଗ୍ରହଣ କରିଥିଲେ। ଶେଷରେ ଆୟୋଜକ ମହେନ୍ଦ୍ର କୁମାର ବାରିକ ଧନ୍ୟବାଦ ଦେଇଥିଲେ।

# ଅନୁବାଦ ସାହିତ୍ୟ, ଏହାର ପ୍ରାସଙ୍ଗିକତା ଆଲୋଚନା

ନୟାଗଡ଼ ଅଫିସ,୧୨।୬




ଭିସିରେ ଯୋଗଦେଇଥିବା ଅତିଥିମାନେ।

ଭାରତୀୟ ଅନୁବାଦ ସାହିତ୍ୟ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଙ୍କୁ ନେଇ ଅନଲାଇନ ମାଧ୍ୟମରେ ଅନୁବାଦ ସାହିତ୍ୟ ଆଧାରିତ କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଯାଇଛି। ଏହି ଜାତୀୟସ୍ତରୀୟ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ସଙ୍ଗଠନର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ। କାର୍ଯ୍ୟକ୍ରମରେ ଖଡ଼ଗପୁର ମହାବିଦ୍ୟାଳୟର ହିନ୍ଦି ବିଭାଗର ପ୍ରଫେସର ପଙ୍କଜ ଶାହା, ବିଶିଷ୍ଟ ସାହିତ୍ୟିକ ଓ ଅନୁବାଦକ ଚିତ୍ତରଞ୍ଜନ ମିଶ୍ର, କବି ଓ ଅନୁବାଦକ ଅଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ର, ଯୋଗାଚାର୍ଯ୍ୟ ସନାତନ ମହାକୁଡ଼, ଗାଜିଆବାଦର ଖ୍ୟାତନାମା ସାହିତ୍ୟିକା କସ୍ତୁରିକା ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଅନୁବାଦ ସାହିତ୍ୟ ଓ ଅନୁବାଦର ପ୍ରାସଙ୍ଗିକତା ଉପରେ ଦିଗ୍‌ଦର୍ଶନ ଦେବା ସହ ପ୍ରଶ୍ନୋତ୍ତର ମାଧ୍ୟମରେ ବିସ୍ତୃତ ଆଲୋଚନା କରିଥିଲେ। ଭାରତୀୟ ଅନୁବାଦ ସାହିତ୍ୟ ପକ୍ଷରୁ ବିଭିନ୍ନ ସମୟରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁବାଦ ସାହିତ୍ୟ ଆଧାରିତ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଭୁମଣ୍ଡଳୀକରଣ ଓ ଉଦାରୀକରଣ ସମୟରେ ଅନୁବାଦ କାର୍ଯ୍ୟ ବ୍ୟାପକ ହେଉଛି।

ପ୍ରଥମେ ଅନୁବାଦ ଏକ ସୀମିତ ସୀମାରେଖା ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା। ବିଶେଷ ଭାବେ କେବଳ ପୌରାଣିକ, ଧାର୍ମିକ ଓ ସାହିତ୍ୟିକ କ୍ଷେତ୍ର ଥିଲା ଏହାର ପୃଷ୍ଠଭୂମି। କିନ୍ତୁ ଆଧୁନିକ ସମୟରେ ଏହାର କ୍ଷେତ୍ର ବେଶ୍ ବ୍ୟାପକ ହୋଇପାରିଛି। ଭୁମଣ୍ଡଳୀକରଣ ଓ ଉଦାରୀକରଣ ଯୋଗୁ ଅନୁବାଦ କାର୍ଯ୍ୟ

**ଅନୁବାଦ ସାହିତ୍ୟ ଆଧାରିତ କାର୍ଯ୍ୟକ୍ରମ**

ବ୍ୟାପକ ହେବା ସହ ବିଭିନ୍ନ କ୍ଷେତ୍ରରେ ନିଜର ନିଜ ମହତ୍ତ୍ୱ ପ୍ରତିପାଦିତ କରିପାରିଛି। ଏଥିପାଇଁ ଅନୁବାଦର ପ୍ରାସଙ୍ଗିକତା ବୃଦ୍ଧି ପାଇବା ସହ ଚିକିତ୍ସା, ବାଣିଜ୍ୟ, ବେପାର, ବିଜ୍ଞାନ, ଉଦ୍ୟୋଗ ଆଦି କ୍ଷେତ୍ରରେ ମଧ୍ୟ ଅନୁବାଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ବର୍ତ୍ତମାନ ସମୟରେ ଅନୁବାଦକୁ ଆଧାର କରି ଯୁବବର୍ଗ ଜୀବିକା ଉପାର୍ଜନ କରି ପାରୁଛନ୍ତି। ତେଣୁ ଛାତ୍ରୀଛାତ୍ର ଓ ଯୁବକମାନେ ଏ ଦିଗରେ ଆଗ୍ରହ ପ୍ରଦର୍ଶନ କରିବା ଆବଶ୍ୟକ ବୋଲି ବିଭିନ୍ନ ଭାରତୀୟ ଭାଷାର ଅନୁବାଦକମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଜିତ କୁମାର ଭାର୍ଗବ, ସ୍ମୃତିରଞ୍ଜନ ପରିଡା, ମାନସୀ ମେହେର, ବିଶାଳ ସାହୁ, ଟି.ତେଜସ୍ୱିନୀ, ଭାଗ୍ୟବନ୍ତ ମହାଲିଙ୍ଗ, ଅପରାଜିତା ମିର୍ଦ୍ଧା, କାଜଲ ମହାଖୁଡ଼ ପ୍ରମୁଖ ୨୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା ସହ ଅନୂଦିତ ବହୁ ଭାଷୀ କାବିତା ପାଠ କରିଥିଲେ। ଶେଷରେ ସୁସଂଯୋଜିକା ଏବଂ କବି ମିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ନଦୀପଠାରେ ବ୍ୟାପକ ବୃକ୍ଷରୋପଣ ଦାବି

ଖଣ୍ଡପଡା,୧୨।୬(ସ୍ୱ.ପ୍ର) : ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକରେ ବିଭିନ୍ନ ସମୟରେ ବନ୍ୟା ବେଳେ ମୃତ୍ତିକା କ୍ଷୟ ହୋଇ ସମସ୍ୟାମାନ ସୃଷ୍ଟି ହେଉଛି। ଏସବୁ ନଦୀକୂଳ ପଠାରେ ବ୍ୟାପକ ବୃକ୍ଷରୋପଣ କରାଯିବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରାଯାଉଥିଲେ ହେଁ ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ଚାରା ଗଛ ନଷ୍ଟ ହୋଇଯାଉଛି। ସେହିପରି ପଥପାର୍ଶ୍ୱ ବନୀକରଣ ଜରିଆରେ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ରାସ୍ତାପାର୍ଶ୍ୱରେ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କରାଯାଉଥିବା ବେଳେ ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଅନେକ ବୃକ୍ଷ ନଷ୍ଟ ହେଉଛି। ଫଳରେ ବନୀକରଣ ବାବଦରେ ବ୍ୟୟ ହେଉଥିବା ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବା ସାର ହେଉଛି। ତେବେ ନଦୀକୂଳବର୍ତ୍ତୀ ପଠାରେ ବନବିଭାଗ ପକ୍ଷରୁ ଆବଶ୍ୟକ ବୃକ୍ଷରୋପଣ କରାଗଲେ ବନ୍ୟା ସମୟରେ ମୃତ୍ତିକା କ୍ଷୟକୁ ରୋକାଯିବା ସହ ପରିବେଶ ସୁରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଉଛି। ବନ ବିଭାଗ ପକ୍ଷରୁ ୨ ବର୍ଷ ତଳେ କଣ୍ଟିଲୋ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ମହାନଦୀ କୂଳରେ ଚାରା ରୋପଣ କରାଯାଇଥିଲା। ମାତ୍ର ଚାରା ରୋପଣ ପରେ ବିଭାଗୀୟ କର୍ତ୍ତୃପକ୍ଷ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେବାରୁ ଏଥି ମଧ୍ୟରୁ ଗୋଟିଏ ହେଲେ ବି ଗଛ ବଞ୍ଚି ପାରିଲାନାହିଁ। ମହାନଦୀ ଓ ଶାଖାନଦୀ ପଠାରେ ବୃକ୍ଷରୋପଣ ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ, କମେଇ, କୁସୁମୀ, କୁଆଁରିଆ, ଡ଼ାହୁକା, ଆମ୍ବନାଳ, ଲୁଣିଝରା ପ୍ରଭୃତି ନଦୀ ପାର୍ଶ୍ୱସ୍ଥ ପଠାର ବିସ୍ତୀର୍ଣ୍ଣ ଅଞ୍ଚଳରେ ଚଳିତ ବର୍ଷଠାରୁ ବ୍ୟାପକ ଚାରା ରୋପଣ କରିବାକୁ ପରିବେଶବିତ୍‌ମାନେ ମତ ଦେଇଛନ୍ତି। ନଦୀପଠାରେ ବନୀକରଣ ହେଲେ ମୃର୍ତ୍ତିକା ସଂରକ୍ଷଣ ହେବା ସହ ଏକ ସୁସ୍ଥ ପରିବେଶ ଗଠନ ହୋଇପାରିବ। ଏଥିପ୍ରତି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ, ନୟାଗଡ଼ ବନଖଣ୍ଡ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଜେଡିର କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ଲୋକମାନେ।

ଦଶପଲ୍ଲା ୧୨।୬( ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ କୁଜାମେଣ୍ଡିଠାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶପଲ୍ଲା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଦଶପଲ୍ଲା ବ୍ଲକର ବିଜେଡିର ସଭାପତି ସୁଦାମ ଚରଣ ନାୟକ ଯୋଗଦେଇ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଜନସାଧାରଣଙ୍କୁ କହିଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ କାର୍ଯ୍ୟଦକ୍ଷତା ଏବଂ ତାଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ପଞ୍ଚାୟତର ପୂର୍ବତନ ଏବଂ ବର୍ତ୍ତମାନର ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ଓ ଦଳର ବରିଷ୍ଠ ନେତୃବୃନ୍ଦ ସମେତ ସ୍ଥାନୀୟ ବହୁ ଜନସାଧାରଣ ଯୋଗଦାନ କରିଥିଲେ।

# ରଣପୁରରେ ଜିଲାପାଳଙ୍କ ଜନଶୁଣାଣି: ୮୯ ଅଭିଯୋଗ

ନୟାଗଡ଼ ଅଫିସ/ରଣପୁର,୧୨।୬ (ସ୍ୱ.ପ୍ର.)



ଜନଶୁଣାଣିରେ ଜିଲାପାଳଙ୍କୁ ଲୋକେ ଅଭିଯୋଗ କରୁଛନ୍ତି।

ରଣପୁର ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ହୋଇଥିଲା। ଏଥିରେ ୮୯ଟି ଅଭିଯୋଗ ଆସିଥିବାବେଳେ ୮୨ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୨ଜଣ ସହାୟତା ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ରଣପୁର ଚେୟାରମ୍ୟାନ ନିର୍ମଳା ବେହେରା, ଉପାଧ୍ୟକ୍ଷ ପ୍ରଭାତ ଦଳବେହେରା, ରଣପୁର ତହସିଲଦାର ଓ ବିଡିଓ ଯୋଗ ଦେଇଥିଲେ। ତେବେ ଜିଲା ପରିଷଦ ଅଧ୍ୟକ୍ଷଙ୍କ ପାଖରେ ଜଣେ ମହିଳା ବସିବାକୁ ନେଇ ସମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଥିଲା। ଜିଲା ପରିଷଦ ଅଧ୍ୟକ୍ଷଙ୍କ ସୂଚନା ଅନୁସାରେ, ସମ୍ପୃକ୍ତ ମହିଳା ରଣପୁର ବ୍ଲକ ଆମ୍ବାର ଚେୟାରମ୍ୟାନ ନର୍ମଦା ରାୟ ବୋଲି କହିଛନ୍ତି। ଅଭିଯୋଗ ଶୁଣାଣିରେ ସେ ବସିଲେ କିଛି ଅସୁବିଧା ନାହିଁ। ଏଥିରେ ସମାଲୋଚନା କରିବାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି।

# ରଜ ପାଇଁ ଦୋଳିର ପସରା

ଖଣ୍ଡପଡ଼ା,୧୨।୬(ସ୍ୱ.ପ୍ର)

ଆଉ ଦିନକ ପରେ ରଜପର୍ବ। ରଜପର୍ବର ଅବବ୍ୟହିତ ପୂର୍ବରୁ ଖଣ୍ଡପଡ଼ା, କଣ୍ଟିଲୋ, ଖଳିସାହି, ବାଣପୁର ଆଦି ଅଞ୍ଚଳର ରାସ୍ତା କଡ଼ରେ ଦୋଳିର ପସରା ଦେଖିବାକୁ ମିଳିଛି। ସୁଦୂର ଆନ୍ଧ୍ରପ୍ରଦେଶରୁ ଆସିଥିବା ଫେରିବାଲା ଯୁବକମାନେ ପ୍ରତିବର୍ଷ ବିଭିନ୍ନ କିସମର ପ୍ଲାଷ୍ଟିକ ଦୋଳିର ସମ୍ଭାର ଧରି ଖଣ୍ଡପଡ଼ା ଅଞ୍ଚଳକୁ ଆସି ବ୍ୟବସାୟ କରୁଥିବା ଜଣାପଡ଼ିଛି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ସତ୍ତ୍ୱେ ପ୍ଲାଷ୍ଟିକ ଦୋଳି ଧରି ଗାଁ ଗାଁ ବୁଲି ବାହାର ରାଜ୍ୟରୁ ଆସିଥିବା ଯୁବ ବ୍ୟବସାୟୀମାନେ ବିକ୍ରି କରୁଥିବା ଦେଖିବାକୁ ମିଳିଛି।

# ୧୪ତମ ଓଡ଼ଗାଁ କ୍ରିକେଟ ଲିଗ : ୩ୟ ଦିବସରେ ୩ ମ୍ୟାଚ

ଓଡ଼ଗାଁ, ୧୨।୬ (ସ୍ୱ.ପ୍ର.)

ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ ହୋଇଥିବା ସପ୍ତାହବ୍ୟାପୀ ୧୪ ତମ ଓଡ଼ଗାଁ କ୍ରିକେଟ ଲିଗର ରବିବାର ୩ୟ ଦିବସର ୩ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଲକ ହ୍ୟାକର, ୟୁନିକ ୧୧ଷ୍ଟାର ଓ ୧୧ ଇମ୍ପରର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ଦଲକ ହ୍ୟାକର ଓ ଓଡ଼ଗାଁ ପଲଟନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦଲକ ହ୍ୟାକର ବ୍ୟାଟିଂ କରି ୧୨ ଓଭରରେ ୧୬୨ ରନ କରିଥିଲା। ଜବାବରେ ଓଡ଼ଗାଁ ପଲଟନ ୧୨ ଓଭରରେ ୧୧୧ ରନ କରିଥିଲା। ୫୧ ରନରେ ଦଲକ ହ୍ୟାକର ବିଜୟୀ ହୋଇଥିଲା। ମିହିର ୩୧ ବଲରେ ୫୩ ରନ ଓ ୧ ଓଭରରେ ୨ ଉଇକେଟ ହାସଲ କରି ମ୍ୟାନ୍ ଅଫ ଦି ହୋଇଥିଲେ। ୨ୟ ମ୍ୟାଚ ଛାମୁସ ଲାୟନ ବନାମ ୟୁନିକ ୧୧ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛାମୁସ ଲାୟନ ବ୍ୟାଟିଂ କରି ୧୨ ଓଭର ଓ ୬ ଉଇକେଟ ବିନିମୟରେ ୧୩୦ ରନ କରିଥିବା ବେଳେ ଜବାବାରେ ୟୁନିକ ୧୧ ଷ୍ଟାର ୯.୫ ଓଭର ଓ ୩ ଉଇକେଟ ହରାଇ ୧୩୩ ରନ ହାସଲ କରି ୭ ଉଇକେଟରେ ବିଜୟୀ ହୋଇଥିଲା। ହେଲେ ବିଜୟୀ ଦଳର ଆଲୋକ ୧୪ ବଲରେ ଆକର୍ଷଣୀୟ ୪୩ ରନ ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ଏହି ଦିବସର ଅନ୍ତିମ ଇଲେଭେନ ଇମ୍ପାରାର ଓ ବିଏମ୍ ଫାଇଟରସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଏମ୍ ଫାଇଟରସ ପ୍ରଥମେ ବ୍ୟାଟି କରି ୧୨ ଓଭରରେ ଓ ୯ ଉଇକେଟ ବିନିମୟରେ ୮୮ ରନ କରିଥିବା ବେଳେ ଜବାବରେ ପ୍ରତିପକ୍ଷ ଇଲେଭେନ ଇମ୍ପାରାର ୧୧ ଓଭରରେ ୯୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଦଳର ପଦି ୧୭ ବଲରୁ ୩୮ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। କିଶାନ, ଗୋଗୁଲ, ମଧୁସୂଦନ, ମୃତ୍ୟୁଞ୍ଜୟ, ବାଦଲ, ଚନ୍ଦନ, ତନ୍ମୟ ଇମ୍ପାରାର ଓ ସ୍କୋରର ମ୍ୟାଚ ପରିଚାଳନା କରିଥିଲେ। ମନ୍ଦିର ଶିଳ୍ପି ସନ୍ତୋଷ କୁମାର ପ୍ରଧାନ ସମସ୍ତ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନ ସମ୍ପାଦକ ଦିବକାର ନାୟକଙ୍କ ଦ୍ୱାରା ଓସିଲ ପରିଚାଳନା ହେଉଥିବା ବେଳେ ସମସ୍ତ ଯୁବ ଓ ଭେଟେରାନ ସଦସ୍ୟ ସହଯୋଗ କରିଥିଲେ।



ଖେଳାଳିମାନେ କ୍ରିକେଟ୍ ଖେଳୁଛନ୍ତି।

# ସମିତି ଅନିୟମିତତାର ତଦନ୍ତ ଦାବିରେ ଧାରଣା

ନୂଆଗାଁ/ ଓଡ଼ଗାଁ, ୧୨।୬ (ଡି.ଏନ.ଏ.)




ନିର୍ଦ୍ଦେଶକ ନିରଞ୍ଜନ ସାହୁ ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ସେବା ସମବାୟ ସମିତିରେ ବିଭିନ୍ନ କ୍ଷେତ୍ରରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ତେଣୁ ତାହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ସୋମବାର ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ସିମିତିର ନିର୍ଦ୍ଦେଶକ ଧାରଣାରେ ବସିଛନ୍ତି।

ନୂଆଗାଁ ବ୍ଲକ ବାହାଡ଼ାଖୋଲା ସେବା ସମବାୟ ସମିତିରେ ବିଭିନ୍ନ କ୍ଷେତ୍ରରେ ଅନିୟମିତତା ହୋଇଥିବା ନେଇ ସମିତିର ନିର୍ଦ୍ଦେଶକ ନିରଞ୍ଜନ ସାହୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ନିର୍ଦ୍ଦେଶକ ସାହୁ କରିଥିବା ଅଭିଯୋଗ ମୁତାବକ, ବାହାଡ଼ାଖୋଲା ସମିତିରେ ସ୍ଥାୟୀ ସମ୍ପାଦକ ନ ଥିବା ହେତୁ ମହିପୁର କେନ୍ଦ୍ର ସମବାୟ ବ୍ୟାଙ୍କର ସୁପରଭାଇଜର ସମ୍ପାଦକ ଦାୟିତ୍ୱରେ ଅଛନ୍ତି। ତେବେ ସମ୍ପାଦକ ଦାୟିତ୍ୱରେ ଥିବା ସୁପରଭାଇଜର ଚଳିତବର୍ଷ ଧାନକିଣାରେ ଅନେକ ଅନିୟମିତତା କରିଛନ୍ତି। ଏପରି କି ସରକାର କଟନିଛଟନି ବନ୍ଦ କରିଥିବା ବେଳେ ବାହାଡ଼ାଖୋଲା ସମିତରେ ଧାନ କୁଇଣ୍ଟାଲ ପିଛା ୮ କେଜି କଟା ଯାଇଛି। ଯାହାକି ଅନ୍ୟ ସବୁ ସମିତିରେ ୪ କେଜିରେ ସୀମିତ ଥିଲା। ସମିତିରେ ସଭାପତି ବୋର୍ଡର କୌଣସି ସଦସ୍ୟଙ୍କୁ ନ ପଚାରି ନିଜ ଇଚ୍ଛାରେ କାର୍ଯ୍ୟ କରୁଛନ୍ତି। ଚାଷୀମାନଙ୍କୁ ଋଣ ପ୍ରଦାନ କରିବା କ୍ଷେତ୍ରରେ ସିମିତିରେ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛି। ଠିକ୍ ସମୟରେ ଚାଷୀମାନଙ୍କୁ ବିହନ ଧାନ ଯୋଗାଇ ଦିଆଯାଉନାହିଁ। ବୋର୍ଡ କିମ୍ବା ନିର୍ଦ୍ଦେଶକମାନଙ୍କୁ ସମିତିର ଆୟବ୍ୟୟର ହିସାବ ପତ୍ର ଦିଆଯାଉନାହିଁ। ବାହାଡ଼ାଖୋଲା ସମିତିରେ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ୩୧/୫/୨୩ରୁ କାର୍ଯ୍ୟ କ୍ଷେତ୍ରରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ସମ୍ପାଦକ ପଦ ନ ଛାଡ଼ି ସେଠାରେ ରହି କାର୍ଯ୍ୟ କରୁଛନ୍ତି। ଏସବୁ ଅନିୟମିତତା ବାବଦରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶକ ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସମିତିର ଅନିୟମିତତାର ତଦନ୍ତ କରି ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ କରିବା ଦାବିରେ ନିର୍ଦ୍ଦେଶକ ସାହୁଙ୍କ ସହ ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁ, ବଂଶୀଧର ମହାପାତ୍ର, ଗୋଲକ କୁମାର ସାହୁଙ୍କ ସମେତ କେତେଜଣ ସାମାଜିକ କର୍ମୀ ଧାରଣାରେ ବସିଥିଲେ। ନ୍ୟାୟ ନ ମିଳିବା ଯାଏ ଏହି ଧାରଣା ଚାଲୁ ରହିବ ବୋଲି ଧାରଣାକାରୀମାନେ କହିଛନ୍ତି।

# ଆରୁହା, ବାଜବାଟି କଳାପଥର ଖାଦାନରେ ୧୪୪ ଜାରି



ତହସିଲ କର୍ମଚାରୀମାନେ କଳାପଥର ଖାଦାନରେ ୧୪୪ଧାରା ଜାରି ହୋର୍ଡିଂ ଲଗାଉଛନ୍ତି।

**ଧର୍ମଶାଳା,୧୨।୬(ଡି.ଏନ୍.ଏ.):**

ଧର୍ମଶାଳା ତହସିଲ ଅନ୍ତର୍ଗତ ନିଲାମ ହୋଇ ନ ଥିବା ଆରୁହା ଓ ବାଜାବାଟି କଳାପଥର ଖାଦାନରେ ତହସିଲ ପକ୍ଷରୁ ୧୪୪ ଜାରି କରାଯାଇଛି । ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ନିର୍ଦ୍ଦେଶକ୍ରମେ ଆରୁହା ରାଜସ୍ୱ ନିରୀକ୍ଷକ ମନୋଜ କୁମାର ସାମଲ, ନାକୋଲ ଆରଆଇ ବିରଞ୍ଚି ନାରାୟଣ ବୋଇତେଇ, ବଳରାମପୁର-୨ ସର୍କଲ ଆରଆଇ ସୁନିଲ କୁମାର ନାୟକ ଓ ନାକୋଲ ଏଆରଆଇ ଜଗବନ୍ଧୁ ଜେନା ପୋଲିସ ସହଯୋଗରେ ସୋମବାର ନିଲାମ ହୋଇ ନ ଥିବା ୩ଟି ଆରୁହା କଳାପଥର ଖାଦାନ ଓ ବାଜବାଟିର ନିଲାମ ହୋଇ ନ ଥିବା ୪ ଖାଦାନରେ ନାଲିପତକା ଲଗାଇ ୧୪୪ ଧାରା ଜାରି କରିଛନ୍ତି।

ସୂଚନଯୋଗ୍ୟ, ଧର୍ମଶାଳା ତହସିଲ ଅଧୀନ ନିଲମ ହୋଇ ନ ଥିବା ଅନେକ କଳାପଥର ଖାଦାନରେ ବେଆଇନ ଭାବେ ପଥର ମାଫିଆମାନେ ପଥର ଉତ୍ତୋଳନ କରି ଲକ୍ଷାଧିକ ଟଙ୍କା ଲାଭ କରୁଛନ୍ତି । ଅନ୍ୟପଟେ ସରକାର ସେହି ପରିମାଣ ଟଙ୍କାର ରାଜସ୍ୱ ହରାଉଛନ୍ତି । ପଥର ବ୍ୟବସାୟୀମାନେ ନିଲାମ ହୋଇ ନ ଥିବା ଖାଦାନଗୁଡିକରୁ ବେଆଇନ ଭାବେ କଳାପଥର ଲୁଟ କରିଚାଲିଛନ୍ତି । ଗତ କିଛିଦିନ ତଳେ ଏହି ତହସିଲ ଅନ୍ତର୍ଗତ ଲୁଣିବର ବେଆଇନ ଖାଦାନରେ ମାଟି ଅତଡା ଧସି ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ବ୍ୟବସାୟୀମାନଙ୍କ ଉପରେ ଲଗାମ ଲଗାଇବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

## ୨ ବେଆଇନ ମାଙ୍କଡ଼ା ଖାଦାନରେ ୧୪୪ଧାରା

**ଚଣ୍ଡିଖୋଲ,୧୨।୬(ଡି.ଏନ୍.ଏ.):** ଦର୍ପଣ ତହସିଲ ଅନ୍ତର୍ଗତ ପଶ୍ଚିମ ବଡ଼ଚଣାର କେତେକ ସ୍ଥାନରେ ବେଆଇନ ମାଙ୍କଡ଼ା ପଥର ଖାଦାନ ଚାଲୁଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଛି। ସୋମବାର ଦର୍ପଣ ତହସିଲର ଭାରପ୍ରାପ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ ସହାୟତାରେ ୨ଟି ବେଆଇନ ମାଙ୍କଡ଼ା ଖାଦାନରେ ୧୪୪ ଧାରା ଜାରି କରିବା ସହ ନାଲି ପତାକା ମରାଯାଇଛି। ପଥର ବ୍ୟବସାୟୀମାନଙ୍କୁ ଚେତାବନୀ ଦେଇ ତହସିଲଦାର ଗୁରୁ କହିଛନ୍ତି, ଯଦି କେହି ପୁନର୍ବାର ବେଆଇନ ଖନନ କରନ୍ତି ତେବେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ସୋମବାର ସମିଆ ପଞ୍ଚାୟତର କେନ୍ଦୁଗାଡିଆ (ରାଇଝର) ମୌଜାର ଖାତା ନଂ. ୧୦୫ ଓ ପ୍ଲଟ ନଂ. ୪୯୯ରେ ଏବଂ ସେହି ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ରପୁର ମୌଜାର ଖାତା ନଂ. ୧୦୨୨ ଓ ପ୍ଲଟ ନଂ. ୭୭/୪୩୮୧ ରେ ୧୪୪ ଧାରା ଜାରି କରାଯାଇଛି। ଏହି ଦୁଇଟି ଖାଦାନ ସମିଆ ରାଜସ୍ୱ ନୀରିକ୍ଷକଙ୍କ ଅଧୀନରେ ରହିଛି।



ପୋଲିସ ପ୍ରଶାସନ ସହାୟତାରେ ମାଙ୍କଡ଼ା ଖାଦାନରେ ନାଲି ପତାକା ମରାଯାଉଛି।

# ରାସ୍ତା ନିର୍ମାଣରେ ବିଳମ୍ବ ପ୍ରତିବାଦରେ ଧାରଣା

**ଚଣ୍ଡିଖୋଲ,୧୨।୬(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଧାଲଠାରୁ ଏଣ୍ଡରପଦା ପର୍ଯ୍ୟନ୍ତ ପଡ଼ିଥିବା ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଓ ପ୍ରଶାସନିକ ଉଦାସୀନତା ପ୍ରତିବାଦରେ ସୋମବାର ବଡ଼ଚଣା ପୂର୍ତ୍ତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବନ୍ଧାଲୋ ଏଣ୍ଡରପଦା ରାସ୍ତା କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ତୁରନ୍ତ ରାସ୍ତା ନିର୍ମାଣ କରିବା ଦାବିରେ ଧାରଣାରେ ଦିଆଯାଇଥିଲା । ପୂର୍ବରୁ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ଗତ ୫ ବର୍ଷ ତଳେ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ୨୦୧୮ ଡିସେମ୍ବର ୭ରେ ରାସ୍ତା ଉନ୍ନତିକରଣ ଓ ପ୍ରଶସ୍ତୀକରଣ ନିମନ୍ତେ ଶିଳାନ୍ୟାସ ହୋଇଥିଲା। ୫.୩ କିମି ରାସ୍ତା ପାଇଁ ବିଭାଗ ପକ୍ଷରୁ ୪ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ତେବେ ଠିକାଦାର ରାସ୍ତାର ଦୁଇପାର୍ଶ୍ୱକୁ ଖୋଳି ଠିକ କାମ ନ କରି ୩ କିମି ପର୍ଯ୍ୟନ୍ତ ଗୋଟିଏ ପାର୍ଶ୍ୱ କାର୍ଯ୍ୟ କରି ଛାଡ଼ି ପଳାଇଥିଲା। ଯେଉଁଥି ପାଇଁ ରାସ୍ତା ନଷ୍ଟ ହୋଇ ଯାଇଛି। ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଉପରେ ୬ ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ତୁରନ୍ତ ରାସ୍ତା ନର୍ମାଣ ଦାବିରେ ଭାଜପା ନେତା ଅମର ନାୟକ, ରମେଶ ଚନ୍ଦ୍ର ପଢ଼ିହାରୀ, ଓମ ପ୍ରକାଶ ଦାସ, ବେଣୁଧର ବିଶ୍ୱାଳ, ନମିତା ରାଉତ, ସୁଜାତା ବଳ ପ୍ରମୁଖ ସାମିଲ ହୋଇଥିଲେ। ଏ ନେଇ ଏକ ଦାବିପତ୍ର ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ନିଗ୍ଧା ଦାସଙ୍କୁ ପ୍ରଦାନ କରାଯାଇଥିଲା ।



ପୂର୍ତ୍ତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି ।

# ପୁରୁଣା ଅଚଳ କଏନ ବେପାର, ଶ୍ୱଶୁର ଜ୍ୱାଇଁ ଗିରଫ

**ଧର୍ମଶାଳା,୧୨।୬(ଡି.ଏନ୍.ଏ.)**

ପୁରୁଣା ଅଚଳ କଏନ ବ୍ୟବସାୟରେ ଲିପ୍ତ ୨ଜଣ ଠକଙ୍କୁ ଧର୍ମଶାଳା ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସୋମାନେ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ବରପଦା ଗ୍ରାମର ଅଜୟ ସାମଲ(୪୩) ଓ ତାଙ୍କ ଜ୍ୱାଇଁ ବରୀ ରାମଚନ୍ଦ୍ରପୁର ଥାନା ମହାକାଳପଡା ଅଞ୍ଚଳର ବିଶ୍ୱଜିତ ସାହୁ (୨୦) । ସେମାନେ ଦୀର୍ଘ ଦିନ ହେଲା ପୁରୁଣା ଅଚଳ କଏନ କାରବାର କରିଆସୁଥିଲେ। ଗତ ୭ ତାରିଖରେ ଧର୍ମଶାଳା ଥାନା ଶ୍ରୀରାମପୁର ଟୋଲଗେଟ ନିକଟରୁ ବିକ୍ରମ ତିରଣ ଗ୍ରାମର ଶିବ ଚରଣ ଦାସଙ୍କୁ ଅଜୟ ଅପହରଣ କରିବା ସହ ତାଙ୍କ ଠାରୁ ଟଙ୍କା ଲୁଟିଥିବା ନେଇଥିବା ଥାନାରେ ଅଭିଯୋଗ ହୋଇଥିଲେ । ଏହି ଘଟଣାରେ ଧର୍ମଶାଳା ପୋଲିସ ଅଜୟଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ବେଳେ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ତାଙ୍କକାରନାମା ସମ୍ପର୍କରେ ପୋଲିସ ଜାଣିବାକୁ ପାଇଥିଲା । ବିଶ୍ୱଜିତ୍ ଓ ତାଙ୍କ ଶ୍ୱଶୁର ଦୀର୍ଘ ଦିନ ହେଲା ଅଚଳ କଏନ କାରବାର କରୁଥିବା ସମ୍ପର୍କରେ ଜଣାପଡିବା ପରେ ପୋଲିସ ବିଶ୍ୱଜିତ ଓ ଅଜୟଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ବହୁ ପରିମାଣର ପୁରୁଣା ଅଚଳ କଏନ, ୧୦ହଜାର ଟଙ୍କା ଓ ୨ଟି ମୋବାଇଲ ଜବତ କରାଯାଇଛି। ଏନେଇ ଧର୍ମଶାଳା ଥାନା ପୋଲିସ ଏକ ମାମଲା(ନଂ.୩୭୫/୨୩) ରୁଜୁ କରି ତଦନ୍ତ କରିବା ସହ ୨ ଅଭିଯୁକ୍ତଙ୍କୁ ସୋମବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ନିଜୋନ ଟ୍ୟୁବ୍‌ରେ ଦୁର୍ଘଟଣା, ମହିଳା ଶ୍ରମିକ ମୃତ

## କ୍ଷତି ପୂରଣ ଦେଲା କାରଖାନା କର୍ତ୍ତୃପକ୍ଷ

**କଳିଙ୍ଗନଗର,୧୨।୬ (ଡି.ଏନ୍.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳର ନିଜୋନ ଟ୍ୟୁବ କାରଖାନାରେ ଦୁର୍ଘଟଣା ଘଟି ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତା ଶ୍ରମିକ ହେଲେ କେନ୍ଦୁଝର ଜିଲା ହରିଚନ୍ଦନପୁର ଗୋଳାଗାଡ଼ିଆ ଗ୍ରାମର ଛୋଟରାୟ ମୁର୍ମୁଙ୍କ ସ୍ତ୍ରୀ ଲକ୍ଷ୍ମୀ ମୁର୍ମୁ(୩୫)। ସେ କାରଖାନାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଥିଲେ । ମଧ୍ୟାହ୍ନରେ କାରଖାନା ପରିସରରେ ଏକ କଏଲ ବଣ୍ଡଲ ଲକ୍ଷ୍ମୀଙ୍କ ଉପରେ ଖସିପଡିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । କ୍ଷତିପୂରଣ ବାବଦରେ ଆଲୋଚନା ବିଳମ୍ବ ପାଇଁ ସୋମବାର ମୃତଦେହ ବ୍ୟବଚ୍ଛେଦ ହୋଇ ପାରିନାହିଁ । ନିଷ୍ପତ୍ତି ଅନୁଯାୟୀ, ନିଜୋନ ଟ୍ୟୁବ୍ କାରଖାନା ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ କାରଖାନା କର୍ତ୍ତୃପକ୍ଷ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଆଲୋଚନା ପରେ ମୃତା ମହିଳାଙ୍କ ପରିବାର କୁ ୧୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସାହାଯ୍ୟ ପ୍ରଦାନ କରିବା ସହିତ କାରଖାନା ପକ୍ଷରୁ ତାଙ୍କ ଝିଅ ପାଠ ପଢିବା ପାଇଁ ଅତିରିକ୍ତ ୨ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି ।

# ରାଜ୍ୟ କବାଡ଼ି ଦଳରେ ଦୀପା

**ରସୁଲପୁର,୧୨।୬(ଡି.ଏନ.ଏ.)**



ଯାଜପୁର ଜିଲାର ଅନଗ୍ରସର ଅଞ୍ଚଳ ସୁକିନ୍ଦା ବ୍ଲକର ଝିଅ ଦୀପା ମାଝିଙ୍କୁ ରାଜ୍ୟ କବାଡି ଦଳରେ ସାମିଲ କରାଯାଇଛି । ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଜ୍ଞାନ ସ୍ନାତୋକତର ଦ୍ୱିତୀୟ ବର୍ଷର ଛାତ୍ରୀ ଦୀପା ଜନ ଜାତୀୟ ଖେଳ ମହୋତ୍ସବ-୨୦୨୩ ପାଇଁ ମନୋନୀତ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି । ଜୁନ ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କିଟ୍-କିସ୍ ଖେଳପଡିଆରେ ଅନୁଷ୍ଠିତ ଖେଳରେ ସେ ଅଂଶ ଗ୍ରହଣ କରିଛନ୍ତି । ସେ ପ୍ରଶିକ୍ଷଣ ଶିବିରରେ ଉନ୍ନତ ଖେଳ ପ୍ରଦର୍ଶନ କରି ଚୟନ କର୍ତ୍ତାମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ତାଙ୍କୁ ରାଜ୍ୟଦଳରେ ସ୍ଥାନ ମିଳିଥିବାରୁ ଦୀପା ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଉପରେ ଚୟନ କର୍ତ୍ତାମାନେ ଆସ୍ଥା ପ୍ରକଟ କରିଥିବାରୁ ସେ ସମସ୍ତ ଅଫିସିଆଲ, କୋଚ, ମ୍ୟାନେଜରଙ୍କୁ କୃତଜ୍ଞତ ଜଣାଇଛନ୍ତି। ସେ ଉନ୍ନତ ଖେଳ ନୈପୁଣ୍ୟତା ପ୍ରଦର୍ଶନ କରି ଦଳ ପାଇଁ ସଫଳତା ଆଣିବେ ବୋଲି ଆଶାବାଦୀ ଅଛନ୍ତି।

ଯାଜପୁର ଜିଲାର କବାଡି ଦୁର୍ଗ ଭାବେ ପରିଚିତ ଖଣ୍ଡିତର କବାଡି ଷ୍ଟାଡିୟମରେ ସେ ପ୍ରଶିକ୍ଷଣ ଗ୍ରହଣ କରୁଥିଲେ। ବରିଷ୍ଠ ପ୍ରଶିକ୍ଷକ କୃଷ୍ଣକାନ୍ତ ପଣ୍ଡା ତାଙ୍କର ପ୍ରମୁଖ କୋଚ୍ ଥିବା ବେଳେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ଦ୍ୱିବେଦୀ ତାଙ୍କୁ ବିଦ୍ୟାଳୟସ୍ତରରୁ କବାଡି ଖେଳ କୌଶଳ ଶିଖାଇବା ସହ ଆଗକୁ ବଢିବାରେ ସହାୟକ ହୋଇଥିଲେ । ତାକୁ ଆଧାର କରି ସେ ସଫଳତା ହାସଲ କରିଛନ୍ତି । ସେ ଆଗକୁ ଜାତୀୟ ଦଳରେ ସାମିଲ ହେବାକୁ ଲକ୍ଷ୍ୟ ରଖିଛନ୍ତି । ତାଙ୍କ ସଫଳତାକୁ ନେଇ ସୁକିନ୍ଦା ବ୍ଲକ ଅଞ୍ଚଳର ସରକାରୀ ଉଚ୍ଚ ବିଦ୍ୟାଳୟ- ଗୋବର ଘାଟି, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖଣ୍ଡିତର କବାଡି ଆସୋସିଏଶନରେ ଖୁସିର ଲହରି ଖେଳି ଯାଇଛି । ତାଙ୍କର ସଫଳତା ପାଇଁ ଜନ୍ମମାଟି ଗର୍ବ ଅନୁଭବ କରୁଛି । ସେ ଆଗକୁ ଭଲ ଖେଳନ୍ତୁ ବୋଲି ଦୀପାଙ୍କ ସହପାଠୀମାନେ ଆଶାବାଦୀ ଅଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦି ପୃଥ୍ୱୀରାଜ



@ ଅଂଶୁମାନ



@ ହରେନ୍



@ ମନୀଷା



@ ସର୍ବେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଲତାବୁଦା ଭିତରୁ ମିଳିଲା ମୃତଦେହ

ମୋରଡା,୧୨।୬(ଡି.ଏନ.ଏ)-ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିକିଟାମାଟିଆ ଗ୍ରାମରେ ସୋମବାର ଲତାବୁଦା ଭିତରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୃତକ ହେଲେ ଗ୍ରାମର ଠାକୁରା ବାସ୍କେ। ସୂଚନା ଅନୁଯାୟୀ, ଠାକୁରା ଚିକିଟାମାଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ପିଅନ ଭାବେ କାର୍ଯ୍ୟ କରିଆସୁଥିଲେ। ଗତ ୮ ତାରିଖରେ ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିବା ପରେ ସେ ଘରୁ କେଉଁଆଡ଼େ ପଳାଇଥିଲେ। ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ସୋମବାର ସ୍ଥାନୀୟ ଜଣେ ଲୋକ ନିଜ ବଳଦ ଖୋଜିବାକୁ ଯାଇଥିବା ବେଳେ ଲତାବୁଦା ଭିତରେ ମୃତଦେହ ପଡ଼ିଥିବା ଦେଖି ଗ୍ରାମରେ କହିଥିଲେ। ଖବରପାଇ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ନିଖୋଜ ଠାକୁରାଙ୍କ ମୃତଦେହ ବୋଲି ଜାଣିବାକୁ ପାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ମେଡିକାଲକୁ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯାଇଛି।

# ହସ୍ତଶିଳ୍ପୀ, ବୁଣାକାରଙ୍କୁ ଆର୍ଥିକ ସହାୟତା ଦାବି

■ଗୋପାଳପୁର ବୁଣାକାରଙ୍କୁ ମିଳୁନି ଟସର

■କାରିଗର ସମାବେଶରେ ମନ୍ତ୍ରୀଙ୍କ ପ୍ରତିଶ୍ରୁତି




କାରିଗର ସମାବେଶରେ ମଞ୍ଚାସୀନ ଅତିଥି ।

**ଯାଜପୁର ଅଫିସ,୧୨।୬**

ବରିଷ୍ଠ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କୁ ମାସିକ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ୨୦୧୯ ମାର୍ଚ୍ଚ ୫ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ହେଲେ ଇତିମଧ୍ୟରେ ୪ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ବରିଷ୍ଠ କାରିଗରଙ୍କୁ ମାସିକ ଆର୍ଥିକ ସହୟତା ମିଳିପାରିନାହିଁ। ଏହାକୁ ନେଇ କାରିଗରଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୋମବାର ସୂଚନା ଭବନ ପରିସରରେ ଆୟୋଜିତ କାରିଗର ସମାବେଶରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କୁ ଯଥାଶୀଘ୍ର ମାସିକ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ବୋଲି ଓଡ଼ିଶା ଶିଳ୍ପୀ ମହାସଂଘ ଦାବି କରିଛି। ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ମାସିକ ୧୨୦୦ ଟଙ୍କା ଆର୍ଥିକ ସହାୟତା ସହ ୨ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା, ଭୂମିହୀନ କାରିଗରଙ୍କୁ ଘରଡ଼ିହ, ପିଲାଙ୍କୁ ଛାତ୍ରବୃତ୍ତି ଓ ବିନା ସୁଧରେ ଋଣ, ଜୀବନ ବୀମା, ଭୁବନେଶ୍ୱରରେ ସାମୟିକ ରହଣୀ ପାଇଁ କାରିଗର ହଷ୍ଟେଲ, କାରିଗର କଲ୍ୟାଣ ପାଣ୍ଠି, ରାସ୍ତାକଡ଼ରେ ଥିବା ଶିଳ୍ପୀ ଓ ବୟନ ଗ୍ରାମ ଚିହ୍ନଟ ପାଇଁ ସାଇନବୋର୍ଡ ବ୍ୟବସ୍ଥା ଓ ଜାତୀୟ ରାଜପଥ କଡ଼ରେ କାରିଗର ହାଟ ଆଦିର ବ୍ୟବସ୍ଥା କରିବାକୁ ସମାବେଶରେ ଦାବି ଉତ୍ଥାପନ କରାଯାଇଥିଲା। ତତ୍‌ସହିତ ଯାଜପୁର ଜିଲା ଗୋପାଳପୁର ବୁଣାକାରଙ୍କୁ ଟସର ଯୋଗାଇବାରେ ବିଭାଗୀୟ ଅଧିକାରୀ ବିଫଳ ହୋଇଥିବାରୁ ମହାସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ବୁଣାକାରଙ୍କୁ ରିହାତି ଦରରେ ଟସର, ସୂତା ଓ ରଙ୍ଗ ଏବଂ ରାଜ୍ୟର ପଥର କାରିଗରଙ୍କୁ ସ୍ୱଳ୍ପ ମୂଲ୍ୟରେ କାରିଗରୀ ଉପଯୁକ୍ତ ପଥର ଯୋଗାଇଦେବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ସ୍ଥିତ ୱାର୍ଲଡସ୍କିଲ୍ ସେଣ୍ଟର ପକ୍ଷରୁ ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଉଦ୍ୟୋଗୀ ଭାବେ ଗଢ଼ିତୋଳିବାକୁ ବିଶେଷ ତାଲିମ ପ୍ରଦାନ କରିବ ବୋଲି ଏହାର ସାଧାରଣ ପରିଚାଳକ ଜିତେନ୍ଦ୍ର ମୋହନ ସାହୁ ଘୋଷଣା କରିଥିଲେ। ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ କାରିଗରଙ୍କ ଦାବି ପ୍ରତି ରାଜ୍ୟ ସରକାର ସମ୍ବେଦନଶୀଳ ଅଛନ୍ତି ଏବଂ ରାଜ୍ୟ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ଘଡ଼େଇ ଆଶା ବ୍ୟକ୍ତ କରିଥିଲେ। ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ଅଧ୍ୟକ୍ଷ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଶିଳ୍ପୀ ସଂଗଠକ ଶିଶିର ସାହୁ, ଖୋର୍ଦ୍ଧା ଜିଲା ଉପ ନିର୍ଦ୍ଦେଶିକା ହସ୍ତଶିଳ୍ପ ପ୍ରବୀଣା ନାୟକ, କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ ହସ୍ତଶିଳ୍ପ ସେବାକେନ୍ଦ୍ରର ସହ ନିର୍ଦ୍ଦେଶକ ଏ.କେ. ହୋତା, ଡିଜାଇନର ଜ୍ଞାନେଶ ମିଶ୍ର, ଭୁବନେଶ୍ୱରସ୍ଥିତ ମନ୍ଦାକିନୀ ଅନୁଷ୍ଠାନର ପ୍ରତିଷ୍ଠାତା ମଧୁଛନ୍ଦା ବଳ ଓ ଡିଜାଇନର ଶିବାନନ୍ଦ ଭୋଳ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ଶିଳ୍ପୀ ମହାସଂଘର ସମ୍ପାଦକ ପ୍ରିୟରଞ୍ଜନ କର ମଞ୍ଚ ପରିଚାଳନା କରିଥିବାବେଳେ ଖୋର୍ଦ୍ଧା ଜିଲା ଶାଖା ସଭାପତି ଗଗନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନାରେ ବିପିନ ବିହାରୀ ସାହୁ, ଦିଲୀପ ପଟ୍ଟନାୟକ, ଜିତେନ୍ଦ୍ର ପରିଡ଼ା, ନମିତା ପଣ୍ଡା, ଅଜୟ ଜଗଦେବ, ସଞ୍ଜୟ ମୁଦୁଲି, ନିରଞ୍ଜନ ମୁଖୀ, ନରହରି ଭୋଇ, ସନ୍ତୋଷ ଓଝା, ଦ୍ୱିଜବର ଦାସ, କାଳନ୍ଦୀ ପରିଡ଼ା, ପ୍ରଶାନ୍ତ ବେହେରା, ଶକୁନ୍ତଳା ହରିଚନ୍ଦନ, ପଦ୍ମିନୀ ଜେନା, କଳ୍ପତରୁ ପଣ୍ଡା, ଅଶୋକ କୁମାର ଗୁଇଁ, ଭୋବନୀ ଓଝା, ଦୀପ୍ତି ବେହେରା, ଶରତ ପ୍ରଧାନ, ନରେନ୍ଦ୍ର ରଣା, ପ୍ରଣତି ଦାସ, ସନ୍ତୋଷ କାମିଲା, ସନ୍ତୋଷ ସେନାପତି, ଅଭିମନ୍ୟୁ କାମିଲା ଓ ସରୋଜିନୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଅନାଥ ଯୁବତୀଙ୍କୁ ବିବାହ କଲେ ବ୍ରାହ୍ମଣ ଯୁବକ

ନୟାଗଡ ଅଫିସ,୧୨।୬

ଜାତିଭେଦକୁ ଭୁଲି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖଣ୍ଡୁଗାଁର ଜିତେନ୍ଦ୍ର ପାଣି ନାମକ ବ୍ରାହ୍ମଣ ଯୁବକ ଅନାଥ ଯୁବତୀ ଜିନାଙ୍କୁ ସୋମବାର ବୈଦିକ ରୀତିରେ ବିବାହ କରି ଚର୍ଚ୍ଚାକୁ ଆସିଛନ୍ତି। ନୟାଗଡ଼ ଡିଆରଡିଏ ରୋଡରେ ଥିବା ସମର୍ପଣ ବୃଦ୍ଧାଶ୍ରମରେ ସାହାନାଇ ବାଜିଥିଲା। ବେଶ ଧୁମଧାମରେ ନୟାଗଡ଼ ଜିଲା ପ୍ରଶାସନ ଏକ ନିଆରା ବିବାହ କାର୍ଯ୍ୟ ସମାପନ କରିଥିଲା। ସରକାରୀ ଅଫିସର, ବ୍ୟବସାୟୀ, ସାଧାରଣ ଲୋକ, ସ୍ୱେଚ୍ଛାସେବୀ ନିଜର ସୁବିଧା ମୁତାବକ ଘର ଉପକରଣ ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ବିଜୁ ସୁରକ୍ଷା ଯୋଜନାରେ ଏହି ଦମ୍ପତିଙ୍କୁ ସରକାର ୫୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦେଇଛନ୍ତି।

ଜିନାର ପରିଚୟ କ'ଣ ଜଣାନାହିଁ। ୨୦ ବର୍ଷ ତଳେ ନୟାଗଡ଼ ସହର ଖଣ୍ଡପଡ଼ା ରୋଡର ସତ୍‌କାର କ୍ଲିନିକ ନିକଟସ୍ଥ ପରିତ୍ୟକ୍ତ ସ୍ଥାନରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। କେହି ତାଙ୍କୁ ସେଠାରେ ଫୋପାଡି ଚାଲି ଯାଇଥିଲେ। ରଣପୁର ବ୍ଲକ ମହତପଲ୍ଲୀସ୍ଥ ଅନାଥ ପରିତ୍ୟକ୍ତ ବାଳାଶ୍ରମରେ ୫ ବର୍ଷ ପର୍ଯ୍ୟନ୍ତ ସମୟ ଅତିବାହିତ କରିଥିଲେ।

## ବୃଦ୍ଧାଶ୍ରମରେ ବାଜିଲା ସାହାନାଇ

ପରବର୍ତ୍ତି ପର୍ଯ୍ୟାୟରେ ଶ୍ରୀରାମନଗରସ୍ଥିତ ଶିଶୁ ପରିଚର୍ଯ୍ୟା କେନ୍ଦ୍ର ସା' ରେ ରହି ମାଟ୍ରିକ ପାସ କରିଥିଲେ। ମାଟ୍ରିକ ପାସ ପରେ ଟେଲରିଂରେ ଭୋକସନାଲ ଟ୍ରେନିଂ ପାଇଁ ବ୍ରହ୍ମପୁରକୁ ଯାଇ ତାଲିମପ୍ରାପ୍ତ ହୋଇଥିଲେ। ଶେଷରେ ବାଙ୍ଗାଲୋରରେ ତାଲିମ ନେଇ ଚାକିରି କରିଥିଲେ। ବିବାହ ଯୋଗ୍ୟ ବୟସ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଖୋଜା ଆରମ୍ଭ ହୋଇଥିଲା। ଖଣ୍ଡୁଗାଁର ପୁରୁଷୋତ୍ତମ ପାଣିଙ୍କ ପୁଅ ଜିତେନ୍ଦ୍ରଙ୍କ ସହ ପ୍ରାୟ ୧ବର୍ଷ ତଳେ ପ୍ରସ୍ତାବ ପଡ଼ିଥିଲା। ଜିତେନ୍ଦ୍ର ବିବାହ ହେବାକୁ ରାଜି ହେବା ପରେ ପ୍ରଶାସନ ପକ୍ଷରୁ ଜିନାର ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଜିଲା ପ୍ରଶାସନକୁ ସହଯୋଗ କରିବାକୁ ସରକାରୀ ଅଧିକାରୀ ଓ କର୍ମଚାରୀ, ବ୍ୟବସାୟୀ, ସ୍ୱେଚ୍ଛାସେବୀ, ରାଜନୈତିକ ନେତା ଆଗେଇ ଆସିଥିଲେ। ୧୨ ତାରିଖ ସୋମବାର ବୃଦ୍ଧାଶ୍ରମରେ ବିବାହ ହେବା ପାଇଁ ସ୍ଥିର ହୋଇଥିଲା। ପ୍ରଶାସନ ପକ୍ଷରୁ ଭୋଜିଭାତର ଆୟୋଜନ କରାଯିବା ସହ ସାଜସଜ୍ଜା କରାଯାଇଥିଲା। ବର ଜିତେନ୍ଦ୍ର ଶାଳଭଙ୍ଗା ମନ୍ଦିରଠାରୁ ପ୍ରୋଶେସନରେ ଆସି ବୃଦ୍ଧାଶ୍ରମରେ ପହଞ୍ଚି


ବେଦିରେ ଅନାଥ ଯୁବତୀ ଜିନାଙ୍କର ଜିତେନ୍ଦ୍ରଙ୍କ ସହ ହାତଗଣ୍ଠି ପଡ଼ି ବିବାହ ସମ୍ପନ୍ନ ହେଉଛି।

ଥିଲେ। ଏଠାରେ କନ୍ୟାପିତା ଭାବେ ନୟାଗଡ଼ ପୁରୁଣା ସହରର ଶୁଭ୍ରାଂଶୁ ମିଶ୍ର ବିବାହ କରିଥିଲେ। ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ। ସମର୍ପଣର କର୍ମକର୍ତ୍ତା ଅରୁଣ କୁମାର ମହାନ୍ତି, ରାଧେଶ୍ୟାମ ମହତା, ଧୀରେନ୍ଦ୍ର ପଟ୍ଟନାୟକ, ଶ୍ରୀଧର ସାହୁ, ପି.କେ. ବସନ୍ତିଆଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ସା', ବାଳାଶ୍ରମ ବିବାହକୁ ପରିଚାଳନା କରିଥିଲେ। ଏ ନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏକ ନିଆରା ବିବାହ କରାଯାଇଛି। ଜଣେ ଅନାଥ ପିଲା ଜିଲା ପ୍ରଶାସନର ସହଯୋଗରେ ବଢ଼ି ସ୍ୱାବଲମ୍ବୀ ହୋଇପାରିଥିଲା। ଏଣୁ କନ୍ୟା ସନ୍ତାନ ଅଲୋଡ଼ା ନୁହନ୍ତି। କେହି କନ୍ୟାଙ୍କୁ ଅନାଦର କରନ୍ତୁ ନାହିଁ। ଭ୍ରୁଣହତ୍ୟା ନ କରି ଝିଅମାନଙ୍କୁ ବଞ୍ଚାଇବାକୁ ସୁଯୋଗ ଦିଅନ୍ତୁ। ନୟାଗଡ ପୁରୁଣା ସହରର ଶୁଭ୍ରାଂଶୁ ମିଶ୍ର କୁହନ୍ତି, ମୋର ଝିଅ ନାହିଁ। ମୁଁ କନ୍ୟାଦାନ କରି ବେଶୀ ଖୁସି। ବ୍ୟବସାୟୀ ରାଧେଶ୍ୟାମ ମହତା କୁହନ୍ତି ମୋର ଝିଅ ନାହିଁ। ମୁଁ ଜିନା ବିବାହର ସମସ୍ତ ଖର୍ଚ୍ଚ ଉଠାଇଛି। ତେବେ ମୋ ବ୍ୟତିତ ଅନ୍ୟ କିଛି ବଦାନ୍ୟ ବ୍ୟକ୍ତିଙ୍କର ମଧ୍ୟ ସହଯୋଗ ରହିଛି। ଜିନା କୁହନ୍ତି, ମୁଁ ବେଶ ଖୁସି। ଆଜିଠାରୁ ମୋର ନୂଆ ଜୀବନ ଆରମ୍ଭ ହେଲା। ଶାଶୁ ଘରେ ସମସ୍ତଙ୍କୁ ଖୁସିରେ ରଖିବାକୁ ଚେଷ୍ଟା ଜାରି ରଖିବି। ପ୍ରଶାସନର ସହଯୋଗରେ ବଢ଼ିଥିଲି । ପ୍ରଶାସନ ପକ୍ଷରୁ ମୋତେ ମା'ବାପା ପରି ସ୍ନେହ ମିଳିଛି। ମୁଁ ପାଠପଢ଼ି ଆତ୍ମ ନିର୍ଭରଶୀଳ ହୋଇ ପାରିଥିଲି। ପରେ ମୋତେ ପ୍ରଶାସନ ମଧ୍ୟ ବିବାହ କରାଇଛି। ଜିଲାପାଳ ଓ ଉପଜିଲାପାଳ ପ୍ରଭୃତି ପ୍ରଶାସନିକ ଅଧିକାରୀ, ବିଭିନ୍ନ ଅନୁଷ୍ଠାନ, ସମାଜିକ କର୍ମୀ, ସାଧାରଣ ଲୋକଙ୍କ ଆଶୀର୍ବାଦ ପାଇ ମୁଁ ବେଶ ଖୁସି। ଜିତେନ୍ଦ୍ର ପାଣି କୁହନ୍ତି, ଜିନାଙ୍କୁ ବିବହ କରି ମୁଁ ବେଶୀ ଖୁସି। ସେ ଅନାଥ ହୋଇ ମଧ୍ୟ ମୁଁ ବିବାହ କରିଛି। ଯେତୁକ ପ୍ରତି ମୋ ଆଗ୍ରହ ନ ଥିଲା। ମୁଁ ଜଣେ ଗରିବ ବ୍ରାହ୍ମଣ ପରିବରରେ ଜନ୍ମ ଗ୍ରହଣ କରି ରଙ୍ଗମିସ୍ତ୍ରୀ ଭାବେ କାମ କରୁଛି। ମୋ ରୋଜଗାରରେ ମୁଁ ଜିନାଙ୍କୁ ଖୁସିରେ ରଖିବି।

# ଗଛ ଭାଙ୍ଗି ରାଜ୍ୟ ରାଜପଥ ଅବରୋଧ

ଖଣ୍ଡପଡା,୧୨।୬ (ସ୍ୱ.ପ୍ର.)

କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ଅପରାହ୍ନରେ ଖଣ୍ଡପଡ଼ା ଓ ଭାପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ସୃଷ୍ଟି ହୋଇଥିଲା। ଶତାଧିକ ରାସ୍ତାପାର୍ଶ୍ୱ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ କରିବା ଫଳରେ ଯାତାୟାତରେ ସମସ୍ୟା ଦେଖାଦେଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଯାନବାହାନ ଚଳାଚଳରେ ସ୍ୱାଭାବିକ କରାଯାଇଥିଲା। ତେବେ କାଳବୈଶାଖୀ ପ୍ରଭାବରେ କଣ୍ଟିଲୋ- ଫତେଗଡ ୪୮ ନଂ. ରାଜ୍ୟ ରାଜପଥ କୁକୁଡାଖାଇ ନାଳ ନିକଟରେ ଏକ ବଡ଼ଗଛ ୨ଦିନ ହେଲା ଭାଙ୍ଗି ପଡ଼ି ରାସ୍ତା ଅବରୋଧ କରିଛି। ଏହି ରାସ୍ତା ଦେଇ ବହୁ ଭାରିଯାନ, ଯାତ୍ରୀବାହୀ ଯାନ ଚଳାଚଳ କରୁଥିବାରୁ ଗାଡ଼ି ଚଳନା କରିବା ପାଇଁ ଯେତିକି ରାସ୍ତା ଦରକାର ସେତିକି ଉପରୁ ଗଛ ଡାଳକୁ ସଫା କରାଯାଇ ଯାନବାହାନ ଚଳାଚଳ କରୁଛି। ତେବେ ରାସ୍ତା ଉପରୁ ସମସ୍ତ ଗଛ ଡାଳ ସଫା କରାଯାଇ ନ ଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ

## ୨ଦିନ ବିତିଲା ସଫା ହୋଇପାରିଲାନି


କଣ୍ଟିଲୋ- ଫତେଗଡ଼ ୪୮ ନଂ. ରାଜ୍ୟ ରାଜପଥ ଉପରେ ଗଛ ପଡ଼ିରହିଛି।

ହେଉଛି। ଅପରପକ୍ଷରେ ଅନ୍ଧାର ରାତିରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ବିଭିନ୍ନ ଯାନବାହାନ ପାଇଁ ରାସ୍ତା ଉପରେ ପଡ଼ି ରହିଥିବା ଗଛ ବିପଦ ସୃଷ୍ଟି କରୁଛି। ପୂର୍ତ୍ତ ବିଭାଗ ରାସ୍ତା ଉପରୁ ଉକ୍ତ ଗଛକୁ ହଟାଇବା ପାଇଁ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ରାଧାଶ୍ୟାମ କାଲୋଙ୍କ ସହ ଯୋଗାଯୋଗ କରିବାରେ ରାସ୍ତା ଉପରୁ ଗଛ ହଟାଇବା ଦାୟିତ୍ୱ ଅଗ୍ନିଶମ ବିଭାଗ ଉପରେ ରହିଛି ବୋଲି ସୂଚନା ଦେଇଥିଲେ। ଅପରପକ୍ଷରେ ଖଣ୍ଡପଡ଼ା ଅଗ୍ନିଶମ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାରେ ଯାନବାହାନ ଚଳାଚଳ ପାଇଁ ଯେତିକି ରାସ୍ତା ଆବଶ୍ୟକ ଯୁଦ୍ଧକାଳୀନ ଭିତ୍ତିରେ ସେତିକି କାର୍ଯ୍ୟ କରାଯାଇଛି। ଯଦି କିଛି ସମସ୍ୟା ସୃଷ୍ଟି ହେଉଛି ସେ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଅଜୟ କୁମାର ସୂଚନ ଦେଇଛନ୍ତି।

# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

ନୟାଗଡ଼ ଅଫିସ,୧୨।୬

ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଘଡୁଆଳସ୍ଥିତ ତପସ୍ୟା ଶିଶୁ ଗୃହଠାରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଛି। ପ୍ରାଧିକାରଣ ସଦସ୍ୟ ମହମ୍ମଦ ଓମାର ମଲ୍ଲିକ ଶିଶୁ ଶ୍ରମିକ ନିରୋଧ ଦିବସର କାରଣ, ନିରାକାରଣ, ସମସ୍ୟା ସମାଧାନ ସୁବିଧା ବିଷୟରେ ବକ୍ତବ୍ୟ ରଖିଥିଲେ। ସଦସ୍ୟା କ୍ଷଣପ୍ରଭା କର ଶ୍ରମିକ ନିରୋଧୀ ପରିବାର ସମାଜ ବିଷୟରେ ଉପଦେୟ ତଥ୍ୟ ଦେବା ସହିତ, ଗୀତ ମାଧ୍ୟମରେ ଭାବନକୁ ପ୍ରକାଶ କରିଥିଲେ। ତପସ୍ୟାର ତତ୍ତ୍ୱାବଧାରକ ଚନ୍ଦ୍ରଶେଖର ବେହେରା ଶିଶୁମାନଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧା ଉପରେ ଟିପ୍ପଣି ଦେଇଥିଲେ। ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ଶିଶୁ ଶ୍ରମିକ ବିଷୟ ଉପରେ ଆଲୋଚନା କରିଥିଲେ। ଜୁନ ମାସ ତମାମ ଶିଶୁ ଶ୍ରମିକ ନିରାକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାର୍ଗ ଦର୍ଶିକା ତର୍ଜମା କରାଯାଇଥିଲା। ପ୍ରାଧିକାରଣ କର୍ମଚାରୀ ପବନ କୁମାର ବେହେରା ଅତିଥି ପରିଚୟ ଓ ସୁଜାତା ବେହେରା ଧନ୍ୟବାଦ ଦେଇଥିଲେ।


ଶିଶୁ ଶ୍ରମିକ ନିରୋଧ ଦିବସରେ ଉପସ୍ଥିତ ଛାତ୍ରାଛାତ୍ରୀମାନେ।

# ବିଳମ୍ବିତ ରାତିରେ ଫେରୁଛି ପୁରୀ ଟ୍ରେନ

ନୟାଗଡ଼ ଅଫିସ,୧୨।୬

ସନ୍ଧ୍ୟାରେ ଫେରୁଥିବା ପୁରୀ ନୂଆଗାଁ ରୋଡ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ କିଛିଦିନ ହେଲା ବିଳମ୍ବିତ ରାତିରେ ଫେରୁଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ଖୋର୍ଦ୍ଧା ରୋଡରେ ନୂଆଗାଁ ରୋଡ଼ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ ବହୁ ସମୟ ଧରି ଅଟକି ରହି ସମୟ ଅପଚୟ କରୁଥିବାରୁ ବିଳମ୍ବ ହେଉଛି ବୋଲି ଅଭିଯୋଗ ରହିଛି। ଏଣୁ ନୂଆଗାଁ ରୋଡ଼ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ ନୟାଗଡ଼ ଟାଉନ ଏବଂ ନୂଆଗାଁ ରୋଡ଼ରେ ପ୍ରତ୍ୟେହ ବିଳମ୍ବିତ ରାତ୍ରରେ ପହଞ୍ଚୁଛି। ଏଭଳିସ୍ଥଳେ ସକାଳୁ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନରେ



ନୟାଗଡ଼ ଟାଉନ ରେଳ ଷ୍ଟେଶନ।

ଯାଉଥିବା ଶତାଧିକ ଶ୍ରଦ୍ଧାଳୁ ବିଳମ୍ବିତ ରାତିରେ ଘରକୁ ଫେରିବାକୁ ହାଇରାଣର ହେଉଛନ୍ତି। ପ୍ରକାଶ ଥାଉ କି ପ୍ରତ୍ୟହ ସକାଳ ୬.୪୫ରେ ନୂଆଗାଁରୁ ପୁରୀ ଅଭିମୁଖେ ଟ୍ରେନ ନଂ.୦୮୪୨୪ ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ ବାହାରି ପୁରୀରେ ସାଢେ ୧୦ଟା ସୁଦ୍ଧା ପହଞ୍ଚି ଥାଏ। ପୁଣି ସମ୍ପୃକ୍ତ ଟ୍ରେନ ନଂ.୦୮୪୨୩ ସନ୍ଧ୍ୟା ୬ଟାରେ ପୁରୀରୁ ବାହାରି ରାତି ସାଢେ ୯ଟା ସୁଦ୍ଧା ନୂଆଗାଁରେ

## ଖୋର୍ଦ୍ଧା ରୋଡରେ ଅଟକି ରହିବାରୁ ହେଉଛି ବିଳମ୍ବ

ପହଞ୍ଚି ଥାଏ। ଏହାଦ୍ୱାରା ନୟାଗଡ଼, ନୂଆଗାଁ, ଦଶପଲ୍ଲା, ବାଣୀଗୋଛା, ମହିପୁର ଆଦି ସ୍ଥାନର ହଜାର ହଜାର ଯାତ୍ରୀ ପୁରୀ ଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରି ସୁରୁଖୁରୁରେ ଘରକୁ ଫେରିଥାନ୍ତି। ତେବେ କିଛିଦିନ ଧରି ଟ୍ରେନ ବିଳମ୍ବରେ ଫେରୁଛି ବୋଲି ଯାତ୍ରୀ ଅଭିଯୋଗ କରିଛନ୍ତି। ନୟାଗଡ଼ ଟାଉନ ଷ୍ଟେଶନରେ ଟ୍ରେନ ରାତ୍ର ସାଢେ ୧୧ ବେଳକୁ ପହଞ୍ଚୁ ଥିବା ବେଳେ ନୂଆଗାଁରେ ରାତି ୧୨ଟାରେ ପହଞ୍ଚୁଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦି ପୃଥ୍ୱୀରାଜ


@ ଅଂଶୁମାନ


@ ହରେନ୍


@ ମନୀଷା


@ ସର୍ବେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଗୁଣ୍ଡୁରାବାରି ଗାଁର ମହିଳାମାନେ ଉଲି ପିଆଜ ସଂଗ୍ରହ କରି ଘରକୁ ଆଣୁଛନ୍ତି।


ନୂଆଗାଁ ଜଙ୍ଗଲରେ ଭୂଇଁ ଖଜୁରି ପାଚିଛି।


ସିମିଳିସାହିରେ ଜଣେ ଚାଷୀ ବାଇଗଣ ଫସଲ ଜମି ବୁଲି ଦେଖୁଛନ୍ତି।

